ସକାଳ THE SAKALA
www.sakalaepaper.com



## ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ସମ୍ଭାର

# 'ସୃଜନଶୀଳତାର ବିକାଶ ପାଇଁ ବାର୍ଷିକ ଉତ୍ସବ ପ୍ରକୃଷ୍ଟ ମଞ୍ଚ'

**ଭଦ୍ରକ,୧୦ ।୨(ସମିସ)**

ପିଲାମାନଙ୍କର ମାନସିକ, ଶାରୀରିକ ଓ ବୌଦ୍ଧିକ ବିକାଶ ନିମନ୍ତେ କୈଶୋର ସମୟ ହିଁ ପ୍ରକୃଷ୍ଟ ସମୟ। ପିଲାମାନଙ୍କର ଲୁକ୍କାୟିତ ପ୍ରତିଭାର ବିକାଶ ସହ ବିଦ୍ୟାର୍ଥୀଙ୍କ ପ୍ରତିଭା ପ୍ରଦର୍ଶନ ପାଇଁ ଶିକ୍ଷାନୁଷ୍ଠାନରେ ବାର୍ଷିକ ଉତ୍ସବ ଏକ ପ୍ରକୃଷ୍ଟ ମଞ୍ଚ। ପାଠପଢା ସହିତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ ଅନ୍ୟମାନଙ୍କୁ ପ୍ରେରଣା ଦେଇଥାଏ ବୋଲି ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳନ ଅବସରରେ ଯୋଗଦେଇଥିବା ଅତିଥିମାନେ ପ୍ରକାଶ କରିଥିଲେ। ପୂର୍ବାହ୍ଣ ୧୦ଟାରେ ପ୍ରଧାନ ଶିକ୍ଷକ ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକଙ୍କ ସଭାପତିତ୍ୱ ଓ ଶିକ୍ଷକ ମନୋଜ ସାହୁଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବାମଦେବ ସିଂ ଯୋଗ ଦେଇଥିବା ବେଳେ ବରେଣ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ମାୟାଧର ସାହୁ ଓ ମୁଖ୍ୟବକ୍ତା ଭାବରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଯୋଗଦେଇଥିଲେ। ଶିକ୍ଷକ ରାଜ କିଶୋର ଚୌଧୁରୀ ବେଦପାଠ କରିଥିବା ବେଳେ ବିଜୟ ବେହେରା ଅତିଥି ପରିଚୟ ଓ ସବିତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ଣ ୩ଟାରେ ଶିକ୍ଷୟିତ୍ରୀ ପ୍ରଜ୍ଞାପରିମିତା ବଳ ଓ ସସ୍ମିତା ମହାପାତ୍ର, ଚଞ୍ଚଳା ଜେନା, କନକ ବେହେରାଙ୍କ ପରିଚାଳନାରେ ପୁରସ୍କାର ବିତରଣ ସଭାରେ ବରେଣ୍ୟ ଅତିଥି ଭାବରେ ସ୍ଥାନୀୟ କାଉନସିଲରଙ୍କ ପ୍ରତିନିଧି ସମାଜସେବୀ ପଙ୍କଜ କୁମାର ବଳ, ମୋ ସ୍କୁଲ ଅଭିଯାନ ସମିତିର ସଭାପତି ଅଞ୍ଜନା ମିଶ୍ର ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉଦ୍‌ବୋଧନ ଦେବା ସହ ପୁରସ୍କାର ବିତରଣ କରିଥିଲେ। ଏହି ଅବସରରେ ଛାତ୍ରୀମାନଙ୍କ ଦ୍ୱାରା ଭଦ୍ରକର ପ୍ରସିଦ୍ଧ ମୋଗଲ ତାମସା ଗୌରାଙ୍ଗ ବାରିକଙ୍କ ନିର୍ଦ୍ଦେଶନା ଓ ଶିକ୍ଷକ ମନୋଜ ସାହୁଙ୍କ ମଞ୍ଚ ପରିଚାଳନାରେ ଅଭିନିତ ହୋଇଥିଲା। ଶିକ୍ଷୟିତ୍ରୀ ଦମୟନ୍ତି ନାୟକ, ମିତାଲି ମଧୁସ୍ମିତା ବାରିକ, କିରଣବାଳା ରାଉତ, ରୂପାଲି ମହାନ୍ତି, ସୁନିତା ମୁର୍ମୁ, ମିନତି ଦାସ, ସବିତା ମହାପାତ୍ର, ଲିନା ପଟ୍ଟନାୟକ, ଜୋସ୍ନା ଦାସ, ରାଜଶ୍ରୀ ସାହୁ, ନବକିଶୋର ପଣ୍ଡା, ଶାନ୍ତିଲତା ପଣ୍ଡା, ତନୁଶ୍ରୀ ଓଝାଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଉକ୍ତ ଉତ୍ସବରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷା କର୍ମଚାରୀ ସହଯୋଗ କରିଥିଲେ।




## ଦଶମଶ୍ରେଣୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ଆଗରପଡ଼ା,୧୦ ।୨(ସମିସ):**ଆଗରପଡ଼ା ସରକାରୀ ବାଳିକା ହାଇସ୍କୁଲରେ ଅଧ୍ୟୟନରତ ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ସ୍କୁଲ ପରିସରରେ ଆୟୋଜିତ ସଭାରେ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଆୟୋଜିତ ସଭାରେ ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ମୁଣ୍ଡରେ ତିଳକ ଲଗାଇ ସେମାନଙ୍କ ଉଜ୍ଜଳମୟ ଭବିଷ୍ୟତର କାମନା କରିଥିଲେ ସମସ୍ତେ। ବିଦାୟୀ ଛାତ୍ରୀମାନେ ସ୍କୁଲରେ ପଢୁଥିବାବେଳେ ନିଜେ ଅଙ୍ଗେଲିଭାଇଥିବା କଥାକୁ କହିଥିଲେ। ପ୍ରଧାନଶିକ୍ଷକ ବିପିନ ବିହାରୀ ପାଢୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏସ୍‌ଏମ୍‌ସି ସଭାପତି ବର୍ଷାରାଣୀ ମଲ୍ଲିକ,ବରିଷ୍ଠ ଶିକ୍ଷକ ଅଜିତ ରାଉଳ, ଭୀମସେନ ପାଲ, କୈଳାସ ପଣ୍ଡା, ସାଗରିକା ମହାନ୍ତି, ବନଜିନୀ ନାୟକ, ପ୍ରମୋଦିନୀ ସାହୁ, ରଞ୍ଜିତା ସିଅଳ, ଭାଗ୍ୟଶ୍ରୀ ପଣ୍ଡା, ବିଦ୍ୟୁତ୍‌ଲତା ଦାଶ, ସାବିତ୍ରୀ ଦାସ, ସୁଶାନ୍ତ ଜେନା, ଇତିଶ୍ରୀ ଜେନା, ଷ୍ଟାଲିନ ପାଣିଗ୍ରାହୀ, ବଳରାମ ସେଠୀ ଓ ମହେଶ୍ୱର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## କାଦବରାଙ୍ଗ ହାଇସ୍କୁଲ ବାର୍ଷିକ ଉତ୍ସବ

**ଆଗରପଡ଼ା,୧୦ ।୨(ସମିସ):**ବନ୍ତ ବ୍ଲକ କାଦବରାଙ୍ଗ ହାଇସ୍କୁଲ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପୀତବାସ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପୂର୍ବତନ ସରପଞ୍ଚ ଭାଗିରଥି ସେଠୀ, ସାରସ୍ୱତ ସାଧକ ରମାକାନ୍ତ ଜେନା, ମେଡିକାଲ ଅଫିସର ଡାକ୍ତର ସୋନମ ସ୍ୱାଇଁ, ବ୍ୟାଙ୍କ ମ୍ୟାନେଜର ବିପିନ ବିହାରୀ ମହାନ୍ତି, ସିଆର୍‌ସିସି ମନୋଜ ରାଉଳ, ସୁବଳକାନ୍ତ ପଣ୍ଡା, ପ୍ରସନ୍ନ ପଣ୍ଡା, ଭଗବାନ ଗିରି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସହକାରୀ ଶିକ୍ଷୟିତ୍ରୀ ଲିଲି ପରିଡ଼ା ବିବରଣୀ ପାଠ, ଭାସ୍ୱତୀ ଜେନା ଅତିଥି ପରିଚୟ ଓ ସୁକାନ୍ତ ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟମନ୍ତ୍ରୀ ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ଲିଲି ପରିଡ଼ା, ଭାସ୍ୱତୀ ଜେନା, ଲୋପାମୁଦ୍ରା ସ୍ୱାଇଁଙ୍କ ସହ ଶ୍ରେଷ୍ଠ ଛାତ୍ର ସତ୍ୟବ୍ରତ ସ୍ୱାଇଁଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

## ଧର୍ମପରାୟଣା ମହିଳାଙ୍କ ପରଲୋକ



**ଆଗରପଡ଼ା,୧୦ ।୨(ସମିସ):** ବନ୍ତ ବ୍ଲକ ଚାରିଗାଁ ପଞ୍ଚାୟତ ଅନ୍ତର୍ଗତ ଚକ୍ରାପାଢୀ ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ବରିଷ୍ଠ କଳାକାର ଗଣେଶ ପ୍ରସାଦ ଭୋଳଙ୍କ ଧର୍ମପତ୍ନୀ ଯମୁନା(୭୬)ଙ୍କ ପରଲୋକ ଘଟିଛି। ସେ ଗତକିଛି ଦିନ ହେବ ହାର୍ଟ ଓ ଫୁସଫୁସ ରୋଗରେ ପିଡ଼ିତ ହୋଇ ଚିକିତ୍ସାଧୀନ ଥିଲେ। ମୃତ୍ୟୁ ଖବର ପାଇବା ପରେ ପଞ୍ଚାୟତ ପୂର୍ବତନ ସରପଞ୍ଚ ବନମାଳୀ ବେହେରା, ସମିତିସଭ୍ୟ ଧରଣୀଧର କର, ପୂର୍ବତନ ସମିତିସଭ୍ୟ ରାମଚନ୍ଦ୍ର ସାହୁ, ଗୋପାଳ ଚରଣ ଭୋଳ, କପିଳ ଚରଣ ଭୋଳ, ଉମାକାନ୍ତ ଭୋଳ, ଧୀରେନ ଭୋଳ, ନରେନ୍ଦ୍ର ସାହୁ, ରଞ୍ଜନ ସାହୁ, ଚନ୍ଦ୍ରକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ରହି ମରଶରୀରକୁ ଶେଷ ଦର୍ଶନ କରିବା ସହ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପରିବାରର ସମସ୍ତ ସଦସ୍ୟଙ୍କ ଜ୍ଞାତିକୁଟୁମ୍ବ ମାନେ ଉପସ୍ଥିତ ଥିଲେ।

## ମଦନମୋହନ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଦୋବଲ,୧୦ ।୨(ସମିସ):** ଦୋବଲ ଜୋନ ଅନ୍ତର୍ଗତ ଆନନ୍ଦପୁର ପଞ୍ଚାୟତର ଉତେଇପୁର ଠାରେ ଥିବା ମଦନମୋହନ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ଭରତଚନ୍ଦ୍ର ତରାଇଙ୍କ ସଭାପତିତ୍ୱରେ ଅତିଥି ଭାବେ ଶିକ୍ଷାବିତ ତ୍ରିଲୋଚନ ବେହେରା, ହୃଦାନନ୍ଦ କର, ରବିନାରାୟଣ କର, ପୂର୍ବତନ ସରପଞ୍ଚ ପ୍ରମୋଦ ପୃଷ୍ଟି, ଶରତ ଚନ୍ଦ୍ର ମାଝୀ, ସାମ୍ବାଦିକ ପ୍ରଦୀପ କୁମାର ମହାପାତ୍ର, କୃଷ୍ଣ ଚନ୍ଦ୍ର ଜେନା, ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିବା ସହ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପରି.ଳନା କମିଟିର ସଭାପତି ଭାଗୀରଥି ପରିଡା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷୟିତ୍ରୀ ରିନାରାଣୀ ପଣ୍ଡା ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଦିଲୀପ ଜେନା, ଗୋପୀନାଥ ପାତ୍ର, ଜୟଯବାନ ଜେନା, ଜୟନ୍ତ ଦାସ,ସନ୍ତୋଷ ରାଉତ, ସୋନିଭା ରାଉତ କାର୍ଯ୍ୟକ୍ରମକୁ ପରି.ଳନା କରିଥିଲେ। ବାର୍ଷିକ ସଭା ପରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା।

## ମାଧ୍ୟମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ସମ୍ମିଳନୀ

ଆଗରପଡ଼ା,୧୦ ।୨(ସମିସ): ବ୍ଲକସ୍ତରୀୟ ୫ମ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ସମ୍ମିଳନୀ ଆଗରପଡ଼ା କୃଷ୍ଣଚରଣ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀକୁ ବ୍ଲକ ଶିକ୍ଷାଧିକାରିଣୀ ମଂଜୁଳାବାଳା ନାୟକ ଉଦ୍‌ଘାଟନ କରିଥିବା ବେଳେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ହରେକୃଷ୍ଣ ଆପଟ, ପ୍ରମୋଦ ପଣ୍ଡା, କେନ୍ଦୁଆପଦା ହାଇସ୍କୁଲ ପ୍ରଧାନଶିକ୍ଷକ ଶଶି ଶେଖର କରଶର୍ମା ଓ କୃଷ୍ଣ ଚରଣ ବିଦ୍ୟାମନ୍ଦିର ପ୍ରଧାନ ଶିକ୍ଷକ ଶରତ ଯେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଆୟୋଜିତ ସମ୍ମିଳନୀରେ ଆସନ୍ତା ମ୍ୟାଟ୍ରିକ୍ ପରୀକ୍ଷା କେନ୍ଦ୍ର ପ୍ରସ୍ତୁତି, ମ୍ୟାଟ୍ରିକ୍ ପରୀକ୍ଷା ପ୍ରସ୍ତୁତି ଓ ନିଆଯାଇଥିବା ସ୍ୱତନ୍ତ୍ର ପଦକ୍ଷେପ,ଅର୍ଦ୍ଧବାର୍ଷିକ ପରୀକ୍ଷାରେ ପରୀକ୍ଷାର୍ଥୀଙ୍କ ଅନୁପସ୍ଥିତି, ବାର୍ଷିକ ହାଇସ୍କୁଲ ପରୀକ୍ଷାରେ ଶତ ପ୍ରତିଶତ ଉପସ୍ଥିତି ସୁନିଶ୍ଚିତ କରିବା,୧୦ମ ଶ୍ରେଣୀ ସଂଶୋଧିତ ମୂଲ୍ୟାଙ୍କନରେ ଅନୁପସ୍ଥିତ ଥିବା ଛାତ୍ରଛାତ୍ରୀଙ୍କ ନାମଲେଖା, ଏସଆଇଓଏସ ଶ୍ରେଣୀ ପରିଚାଳନାର ସ୍ଥିତି,ପ୍ରଧାନଶିକ୍ଷକଙ୍କ ଆୟୋଜକ ବିଦ୍ୟାଳୟ ପରିଦର୍ଶନ,ପୂର୍ବ ବୈଠକର ପ୍ରସ୍ତାବ ଉପରେ କାର୍ଯ୍ୟାନୁଷ୍ଠାନର ରିପୋର୍ଟ ଏବଂ ବିଇଓଙ୍କ ନିଷ୍ପତି ଅନୁଯାୟୀ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପରେ ଆଲୋଚନା ହୋଇଥିଲା। ଏଥିରେ ବ୍ଲକର ସମସ୍ତ ହାଇସ୍କୁଲର ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## ଅଗ୍ନିକାଣ୍ଡରେ ମହିଳା ଆହତ

**ଭଣ୍ଡାରିପୋଖରୀ,୧୦।୨(ସମିସ):** ବିଷ୍ଣୁପୁର ବଡବ୍ରାହ୍ମଣସାହି ଗ୍ରାମରେ ଶନିବାର ଅପରାହ୍ଣ ପ୍ରାୟ ୫.୩୦.ମି ସମୟରେ ଅଗ୍ନିକାଣ୍ଡ ହୋଇ ଜଣେ ମହିଳା ଆହତ ହୋଇଥିବା ଜଣାଯାଇଛି। ବିଦ୍ୟୁତ ସଟସର୍କିଟ ଯୋଗୁ ଗ୍ରାମର କେଶବ ଶତପଥି ଘରେ ନିଆଁ ଲାଗିଯାଇଥିଲା। କେଶବଙ୍କ ପତ୍ନୀ ପଦ୍ମିନୀ ନିଆଁ ଲିଭାଇବାକୁ ଉଦ୍ୟମ କରୁଥିବା ବେଳେ ପିଠିରେ ନିଆଁ ପଡି ଆହତ ହୋଇଥିଲେ। ସୂଚନା ପାଇ ଭଣ୍ଡାରିପୋଖରୀରୁ ଦମକଳ ଆସି ଅଗ୍ନିକୁ ଆୟତ୍ତ କରିଥିଲା। ଏଥବରେ ଗୋଟିଏ ବଖରା ଘର ପୋଡିଯାଇଥିବା ଜଣାଯାଇଛି। ଆହତଙ୍କୁ ଭଦ୍ରକ ମୁଖ୍ୟଡାକ୍ତରଖାନାକୁ ଚିକିତ୍ସା ପାଇଁ ଆମ୍ବୁଲାନ୍ସ ଯୋଗେ ପଠାଯାଇଥିବା ଜଣାଯାଇଛି।

## ବିକ୍ଷୋଭରେ ଯୋଗଦେଲେ ୪୧ ସାମ୍ବାଦିକ

**ଅସୁରାଳି,୧୦ ।୨(ସମିସ):** ସାମ୍ବାଦିକଙ୍କ ସୁରକ୍ଷା, ପରିବାରର ବୟୋଜ୍ୟେଷ୍ଠ ବ୍ୟକ୍ତି ବିମା ଯୋଜନା ଯୋଗାଇବା, ବୟସ୍କ ସାମ୍ବାଦିକଙ୍କୁ ପେନସନ ପ୍ରଦାନ, ବ୍ଲକରୁ ରାଜ୍ୟ ପର୍ଯ୍ୟନ୍ତ ଅଧିସ୍ୱୀକୃତି ପ୍ରଦାନ, ପ୍ରେସ ଏକାଡେମୀ ଗଠନ ସହ ସବୁ ସ୍ଥାନରେ ସାମ୍ବାଦିକଙ୍କ ପ୍ରବେଶାଧିକାର ଆଦି ଦାବିକୁ ଲୋୟର ପିଏମଜି ଛକ ଭୁବନେଶ୍ୱରରେ ବିକ୍ଷୋଭ କରାଯାଇଥିଲା। ଉକ୍ରଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୁତି ଭୂଷଣ କରଙ୍କ ସଞ୍ଚାଳନରେ ଅନୁଷ୍ଠିତ ଏହି ବିକ୍ଷୋଭରେ ପ୍ରାୟ ଦେଢ଼ ହଜାର ସାମ୍ବାଦିକ ଯୋଗଦେଇଥିଲେ। ଏଥିରେ ଭଦ୍ରକ ଜିଲ୍ଲା ସଂଘ ସଭାପତି ରବି ନାରାୟଣ ଖିଲାରଙ୍କ ନେତୃତ୍ୱରେ ୪୧ ଜଣ ସାମ୍ବାଦିକ ଭଦ୍ରକ ଜିଲ୍ଲାରୁ ସାମିଲ ହୋଇଥିଲେ।

## 'ବେଷ୍ଟ'ରେ ବାର୍ଷିକ ଉତ୍ସବ

**ଅସୁରାଳି,୧୦ ।୨(ସମିସ):** ଅସୁରାଳିସ୍ଥିତ ଭଦ୍ରକ ଇଞ୍ଜିନିୟରିଂ ସ୍କୁଲ ଏଣ୍ଡ ଟେକ୍ନୋଲୋଜି (ବେଷ୍ଟ) ପରିସରରେ ୧୩ ତମ ବାର୍ଷିକ ଉତ୍ସବ ପାଳିତ ହୋଇଛି। ଅଧ୍ୟକ୍ଷ ଇଂ.ରବୀନ୍ଦ୍ର କୁମାର ଜେନାଙ୍କ ପୌରୋହିତ୍ୟରେ ସହକାରୀ ଜିଲ୍ଲାପାଳ ଭଦ୍ରକ ସୁଧାଂଶୁ ମୋହନ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଗାଳ୍ପିକ ତଥା ଶିକ୍ଷାବିତ ପବିତ୍ର ପାଣିଗ୍ରାହୀ, ଉପାଧ୍ୟକ୍ଷ ଇଂ. କୁଳମଣି ଜେନା, ସାଂସ୍କୃତିକ ବିଭାଗର ସମ୍ପାଦକ ଇଂ. କିଶୋର ପୃଷ୍ଟି ମଞ୍ଚ ଉପରେ ଉପସ୍ଥିତ ଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଇଂ.ବିନୟ ସ୍ୱାଇଁ, ଇଂ.ମଳୟ ସାହୁ, ଡ. ହିମାଂଶୁ ଶେଖର ନାୟକ, ଦୁର୍ଗାପ୍ରସନ୍ନ ପଟ୍ଟନାୟକ, ଇଂ.ଦେବସ୍ମିତା ମହାପାତ୍ର, ଇଂ.ସୂର୍ଯ୍ୟକାନ୍ତ କର, ସାଂସ୍କୃତିକ ବିଭାଗର ସହ ସମ୍ପାଦକ ଅବଦୁଲ ସାଜିଦ ଖାନ, ସୁପରି.ଳନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ବେଷ୍ଟର ଇଂରାଜୀ ଅଧ୍ୟାପିକା ସୁମିତା ପତି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ସୁ.ରୁରୂପେ ସମ୍ପାଦିତ ହୋଇଥିବାରୁ ଅନୁଷ୍ଠାନର ଚେୟରମ୍ୟାନ ଡ.ମନ୍ମଥ କୁମାର ବିଶ୍ୱାଳ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।

## ନଳକୂପକୁ ଅଳିଆ ଫିଙ୍ଗା ପ୍ରତିବାଦରେ ଆକ୍ରମଣ ଅଭିଯୋଗ

**ଭଣ୍ଡାରିପୋଖରୀ,୧୦।୨(ସମିସ):** ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ଷୋଳମପୁର ଗ୍ରାମର ସାହିରେ ଥିବା ରଘୁନାଥ ନାୟକଙ୍କ ବାସଗୃହ ସମ୍ମୁଖ ରାସ୍ତା ପାର୍ଶ୍ୱର ସରକାରୀ ନଳକୂପକୁ ଅଳିଆ ଫିଙ୍ଗା ଘଟଣାର ପ୍ରତିବାଦ ଯୋଗୁଁ ଆକ୍ରମଣ ହୋଇଥିବା ଅଭିଯୋଗରେ ମାମଲା ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ ସଂପୃକ୍ତ ନଳକୂପ ମୁଖ୍ୟତଃ ସାହିର ୩ ପରିବାର ବ୍ୟବହାର ପାଇଁ ସ୍ଥାପିତ ହୋଇଥିଲା। ମାତ୍ର ମାନଗୋବିନ୍ଦ ନାୟକଙ୍କ ପରିବାର ପକ୍ଷରୁ ନଳକୂପ ନିକଟରେ ଅଁଇଠା ବାସନ ମଜାଯିବା ସହ ଅଳିଆ ଆବର୍ଜ୍ଜନା ନଳକୂପ ଉପରକୁ କ୍ରମାଗତ ଭାବେ ଫିଙ୍ଗାଯାଉଥିଲା। ଗତ ବୁଧବାର ଅପରାହ୍ଣରେ ମାନଗୋବିନ୍ଦଙ୍କ ପରିବାର ପକ୍ଷରୁ ଅଳିଆ ନଳକୂପ ଉପରକୁ ଫିଙ୍ଗାଯାଉଥିବା ବେଳେ ରଘୁନାଥଙ୍କ ପତ୍ନୀ ଉମି ଏହାର ପ୍ରତିବାଦ କରିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ମାନଗୋବିନ୍ଦଙ୍କ ପରିବାର ଲୋକେ ଉମିଙ୍କୁ ବାଡି ଓ ଭଙ୍ଗା ଇଟା ଯୋଗେ ଆକ୍ରମଣ କରିଥିଲେ। ଏଥିରେ ଉମି ଆହତ ହୋଇଥିଲେ। ଉମିଙ୍କ ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା ମାନଗୋବିନ୍ଦ, ପତ୍ନୀ ମଞ୍ଜୁ ଓ ପୁତ୍ର ରାହୁଲଙ୍କ ନାମରେ ରୁଜୁ ହୋଇଛି। ସବଇନିସପେକ୍ଟର ସ୍ନେହପ୍ରଭା ସାହୁ ମାମଲାର ତଦନ୍ତ ଚଳାଇଛନ୍ତି।

## ୩ ପଞ୍ଚାୟତରେ ସଚେତନତା ଶିବିର

**ତିହିଡି,୧୦।୨(ସମିସ):** ତିହିଡି ବ୍ଲକ ଅଧୀନ ଅଚକ, ସିନ୍ଧୋଳ ଓ କୋହ୍ଲ ପଞ୍ଚାୟତରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଅଚକ ପଞ୍ଚାୟତରେ 'ଆମ ଓଡିଶା, ନବୀନ ଓଡିଶା' ଜିଲ୍ଲା ସଂଯୋଜକ ଡାକ୍ତର ସଞ୍ଜୟ ଦାସ ଓ ସରପଞ୍ଚ ପ୍ରେମଲତା ବିଶ୍ୱାଳ ଶିବିରକୁ ଉଦଘାଟନ କରିଥିବା ବେଳେ ତିହିଡ଼ି ବିଡିଓ ଜ୍ୟୋତିର୍ମୟ କର, ସମାଜସେବୀ ଗଣେଶ ବିଶ୍ୱାଳ, ଅକ୍ଷୟ ମଲିକ, ପିଇଓ ବାସୁଦେବ ବେହେରା, ନାଏବ ସରପଞ୍ଚ ମନୋଜ ମହାଳିକ, ପ୍ରଶାନ୍ତ ସାହାଣୀ, ସୁବାସ ନାଥ, ପ୍ରଫୁଲ କୁମାର ନାଥ, କୃଷିକର୍ମକର୍ତା ଗୀତାଞ୍ଜଳି ବିଶ୍ୱାଳ, ବ୍ଲକ କୋଅଡ଼ିନେଟର ସସ୍ମିତା ଖୁଣ୍ଟିଆ, ଏବିକେ ମିନତି ନାଥ, ସଭାନେତ୍ରୀ ଜୟଶ୍ରୀ ପୁହାଣ, ସମ୍ପାଦିକା ସସ୍ମିତା ରାଉତ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିବିରରେ ୭ ଗୋଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ୨ ଲକ୍ଷ ଟଙ୍କା ଲେଖାଏଁ ଋଣ ପାଇଁ ଚେକ ପ୍ରଦାନ କରାଯାଇଥିଲା କରିବାରେ ସଫଳତା ହାସଲ କରିଛି ରାଜ୍ୟ ସରକାର। ସିନ୍ଧୋଳ ପଞ୍ଚାୟତରେ ବିଧାୟକଙ୍କ ପ୍ରତିନିଧି ବାପୁଜୀ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥିଭାବେ ବିଧାୟକଙ୍କ ପତ୍ନୀ ରତ୍ନପୂର୍ଣ୍ଣା ରାଉତରାୟ, ସରପଞ୍ଚ ସୁପ୍ରଭା ପାଣି, ବିଡିଓ ଜ୍ୟୋତିର୍ମୟ କର, ବରିଷ୍ଠ ନେତା ସୁରେନ୍ଦ୍ର ନାୟକ, ସମିତି ସଭ୍ୟ ନକୁଳ ଚରଣ ବାରିକ, ବ୍ଲକ ଉପାଧ୍ୟକ୍ଷା ଶୁଭଦ୍ରା ଶତପଥୀ, ଜିଲ୍ଲା ପରିଷଦ ସଭ୍ୟା ସୁମତୀ ସେଠୀ, ବୈକୁଣ୍ଠ ନାଥ ପାଣି ଓ କିର୍ତନ ରାଉତ, ସମାଜସେବୀ ଅନିରୁଦ୍ଧ ବାରିକ ପ୍ରମୁଖ ମଞ୍ଚାସୀନ ହୋଇ ବକ୍ତବ୍ୟ ଦେଇଥିଲେ। ସେହିପରି କୋହ୍ଲ ପଞ୍ଚାୟତରେ ସରପଞ୍ଚ କୈଳାସ ପରିଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବିଡିଓ ଜ୍ୟୋତିର୍ମୟ କର, ବାପୁଜୀ ନାୟକ, ସମିତି ସଭ୍ୟା ତିଳୋତମା ବେହେରା, ମଙ୍ଗଳପୁର ସେବା ସମବାୟ ସମିତିର ସଭାପତି ନିତ୍ୟାନନ୍ଦ ବେହେରା, ସୌମ୍ୟରଞ୍ଜନ ପରିଡା, ପିଇଓ ରୁନୁରାଣୀ ମଲିକ ପ୍ରମୁଖ ମଞ୍ଚାସୀନ ହୋଇ ରାଜ୍ୟସରକାରଙ୍କସଫଳତାସମ୍ପର୍କରେବକ୍ତବ୍ୟରଖିଥିଲେ।




## ଭାଗଡ଼ା ନାରାୟଣପୁର ଟୋଲପ୍ଲାଜା ଦାୟୀତ୍ୱରେ ରାନଚୋର ଇନ୍‌ଫ୍ରା

**ଭଣ୍ଡାରିପୋଖରୀ,୧୦।୨(ସମିସ):** ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ଭାଗଡା ନାରାୟଣପୁର ଟୋଲପ୍ଲାଜା ଉତ୍ତର ପ୍ରଦେଶର ରାନଚୋର ଇନଫ୍ରା କମ୍ପାନୀ ଦାୟୀତ୍ୱ ଗ୍ରହଣ କରିଛି। ଜାନୁଆରୀ ମାସରେ ହୋଇଥିବା ଟେଣ୍ଡର ପ୍ରକ୍ରିୟାରେ ସଂପୃକ୍ତ କମ୍ପାନୀ ଯୋଗ୍ୟତା ହାସଲ କରିଥିଲା। କମ୍ପାନୀ ପକ୍ଷରୁ ପରିଚାଳକ ବିମଳ ଶର୍ମା ପୂର୍ବତନ କମ୍ପାନୀ ପରିଚାଳକ ନିରୋଦ ସିଂଙ୍କ ଠାରୁ ଦାୟୀତ୍ୱ ଗ୍ରହଣ କରିଥିଲେ। ଟୋଲ ପ୍ଲାଜା କର୍ମଚାରୀ ସଂଘ ସଭାପତି ଜୟନ୍ତ ସାହୁ ଓ କର୍ମଚାରୀ ଭବାନୀ ଶଙ୍କର ନାୟକ, ପ୍ରଭାକର ସେନାପତି, ପ୍ରବୀର ରାଉତ, କମଳାକାନ୍ତ ପରିଡା, ଅଭିସାର ସୁନ୍ଦର ସାହୁ, ଦୁର୍ଯ୍ୟୋଧନ ଯେନା ପ୍ରମୁଖ ନୂତନ ପରିଚାଳକଙ୍କୁ ସ୍ୱାଗତ କରିଥିଲେ।

## ଶଶଧର ସାମଲ ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ



**ତିହିଡି,୧୦।୨(ସମିସ):** ବରିଷ୍ଠ ବିଜେଡି ନେତା ଶଶଧର ସାମଲଙ୍କୁ ଜିଲ୍ଲା ବିଜେଡିର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ କରାଯାଇଛି। ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଦଳର ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ତାଙ୍କ ଏହି ପଦବୀ ପ୍ରଦାନ କରିଥିବା ଜଣାଯାଇଛି। ଶ୍ରୀ ସାମଲ ତିହିଡ଼ି ବ୍ଲକ ଅଧୀନ ବୋଡ଼କ ପଞ୍ଚାୟତର ଅଧିବାସୀ। ସେ ଦଳର ଜଣେ ପୁରୁଖା କର୍ମୀ ମଧ୍ୟ ଅଟନ୍ତି। ତାଙ୍କୁ ଏହି ନିଯୁକ୍ତି ମିଳିବା ପରେ ତାଙ୍କର ସମର୍ଥକ ଓ ଶୁଭେଚ୍ଛୁମାନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ, ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରଣବପ୍ରକାଶ ଦାସ, ସାଂସଦ ମଞ୍ଜୁଲତା ମଣ୍ଡଳ, ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଡ. ବ୍ୟୋମକେଶ ରାୟ, ଜିଲାର ସମସ୍ତ ବିଧାୟକ, ପୂର୍ବତନ ବିଧାୟକ ବିଜୟ ନାୟକ ପ୍ରମୁଖଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି।

## ପୂର୍ବତନ ବସ୍ ମାଲିକ ସଂଘ ସମ୍ପାଦକଙ୍କ ପରଲୋକ



**ଭଦ୍ରକ,୧୦ ।୨(ସମିସ):**ଭଦ୍ରକ ବସ୍ ମାଲିକ ସଂଘର ପୂର୍ବତନ ସମ୍ପାଦକ ଯାଦବ କୁମାର ସାହୁଙ୍କ ଆଜି ସକାଳେ ହୃଦ୍‌ଘାତରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୬୮ବର୍ଷ ବୟସ ହୋଇଥିଲା। ତାଙ୍କ ପରଲୋକ ଖବର ପାଇବା ପରେ ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କ ସମେତ ବହୁ ବସ୍ ମାଲିକ ସଂଘର କର୍ମକର୍ତ୍ତାଙ୍କ ସମେତ ଗାନ୍ଧିପଡିଆ ଦୁର୍ଗା ପୂଜା କମିଟିର ସଦସ୍ୟମାନେ ତାଙ୍କ ନୂଆବଜାର ସ୍ଥିତ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ଥାନୀୟ କାଉନସିଲରଙ୍କ ପ୍ରତିନିଧି ସୂର୍ଯ୍ୟକୁମାର ଦାସ, ଭଦ୍ରକ ବସ୍ ମାଲିକ ସଂଘର କାର୍ଯ୍ୟକର୍ତ୍ତା ପ୍ରଦୀପ କୁମାର ଦାସ, ହେମନ୍ତ ପାଢୀ, ଶ୍ରୀନିବାସ ପତି, ନିଶିକାନ୍ତ ପଣ୍ଡା, ରାଜେନ୍ଦ୍ର ମହାପାତ୍ର, ଅଧର କୁମାର ଦାଶ, ବିଶ୍ୱନାଥ ପାଣି,ଫେଣ୍ଟୁ ବାବୁ ପ୍ରମୁଖଙ୍କ ଗାନ୍ଧିପଡିଆ ଦୁର୍ଗାପୂଜା କମିଟି ସଭ୍ୟମାନେ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ସୂଚନାଯୋଗ୍ୟ, ଆଜି ସକାଳେ ବାଥ୍‌ରୁମ୍ ଯାଇଥିବା ବେଳେ ଯାଦବ ଅଚେତ ହୋଇପଡିଥିଲେ। ପରେ ପରିବାର ଲୋକେ ତାଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ତୁରନ୍ତ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପତ୍ନୀ, ଭାଇ-ଦୀପକରଞ୍ଜନ, ରାଧାରଞ୍ଜନ, ବିଶ୍ୱରଞ୍ଜନ, ଜ୍ୟୋତିରଞ୍ଜନ, ସତ୍ୟରଞ୍ଜନ ଓ ମାସନରଞ୍ଜନ ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ଗାନ୍ଧୀପଡିଆ ସ୍ଥିତ ଶଶ୍ମାନକୁ ନିଆଯାଇ ଶେଷକୃତ ସମ୍ପନ୍ନ କରାଯାଇଥିଲା। ତାଙ୍କ ଏକମାତ୍ର ପୁତ୍ର ରୋହିତ ମୁଖାଗ୍ନି ଦେଇଥିଲେ।

### ଆଦାନୀ ୱେଲନେସ୍ ସେଣ୍ଟର

# ଚିକିତ୍ସିତ ରୋଗୀଙ୍କ ସଂଖ୍ୟା ୧ଲକ୍ଷ ଟପିଲା

**ଭଦ୍ରକ,୧୦ ।୨(ସମିସ):** ଧାମରା ପୋର୍ଟ ପାରିପାର୍ଶ୍ୱରେ ରହୁଥିବା ଲୋକଙ୍କୁ ମୌଳିକ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଥିବା ଆଦାନୀ ୱେଲନେସ୍ ସେଣ୍ଟର ଏକ ବଡ ସଫଳତା ହାସଲ କରିଛି। ଆଦାନୀ ଗ୍ରୁପର ସିଏସ୍‌ଆର୍ ଅଂଶ ଆଦାନୀ ଫାଉଣ୍ଡେସନ ଦ୍ୱାରା ୨୦୧୯ ମସିହା ଡିସେମ୍ବର ୮ ତାରିଖରେ ଲୋକାର୍ପିତ ଏହିସେଣ୍ଟରରେ ଚିକିତ୍ସିତ ରୋଗୀଙ୍କ ସଂଖ୍ୟା ୧ଲକ୍ଷ ଅତିକ୍ରମ କରିଛି। ଧାମରା ଓ ବଇଁଚା ପିଏଚ୍‌ସି ମଧ୍ୟରେ ବସବାସ କରୁଥିବା ଲୋକଙ୍କୁ ମୌଳିକ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ସହିତ ରୋଗୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ପାଇଁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ୟ କେନ୍ଦ୍ର ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚାଇବାରେ ସାହାଯ୍ୟ କରିଥାଏ। କୋଭିଡ ସମୟରେ ମଧ୍ୟ ଏହି ୱେଲନେସ୍ ସେଣ୍ଟର ନିରବଚ୍ଛିନ୍ନ ସେବା ପ୍ରଦାନ କରିଆସିଛି। ହେଲ୍ପଏଜ୍ ଇଣ୍ଡିଆ ସହ ଯୋଗରେ କାର୍ଯ୍ୟ କରୁଥିବା ଏହିକେନ୍ଦ୍ରର ଓପିଡି ସେବାରେ ବିଶେଷଜ୍ଞ ସ୍ୱାସ୍ଥ୍ୟସେବା ଓ ଫିଜିଓଥେରାପିକୁ ମଧ୍ୟ ସାମିଲ କରାଯାଇଛି। ଧାମରା ପୋର୍ଟ କର୍ତ୍ତୃପକ୍ଷ, ଆଦାନୀ ଫାଉଣ୍ଡେସନ ଓ ହେଲ୍ପଏଜ୍ ଇଣ୍ଡିଆକୁ ଅଭିନନ୍ଦନ ଜଣାଇ ଧାମରା ପିଏଚ୍‌ସିର ଭାରପ୍ରାପ୍ତ ମେଡିକାଲ ଅଫିସର ଡ.ଜନ୍ମେଜୟ ବେହେରା କହିଛନ୍ତି, କ୍ଲିନିକାଲ ଏଷ୍ଟାବ୍ଲିସମେଣ୍ଟ ଆକ୍ଟ ଅନୁଯାୟୀ ପଞ୍ଜୀକୃତ ହୋଇଥିବା ଆଦାନୀ ୱେଲନେସ୍ ସେଣ୍ଟର, ସ୍ଥାନୀୟ ଅଞ୍ଚଳରେ ସ୍ୱାସ୍ଥ୍ୟର ଗୁଣବତ୍ତା ବୃଦ୍ଧି କରିବା ସହ ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ପ୍ରଦାନ ଦିଗରେ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରୁଛି। ଏହି ସେଣ୍ଟରରେ ଚିକିତ୍ସିତ ରୋଗୀଙ୍କ ସଂଖ୍ୟା ୧ଲକ୍ଷ ଅତିକ୍ରମ କରିଥିବାରୁ ଆମେ ଗର୍ବିତ। ମୋବାଇଲ ହେଲ୍‌ଥ କେୟାର ୟୁନିଟ୍ ଜରିଆରେ ୯ଟି ଗ୍ରାମ ପଞ୍ଚାୟତକୁ ସାପ୍ତାହିକ ପରିଦର୍ଶନରେ ଯାଇସେବାବିତରଣର ଏକ ଅଂଶଭାବେ ପ୍ରତିଷେଧକ ଓ ଆରୋଗ୍ୟ କାରୀସ୍ୱାସ୍ଥ୍ୟ ସେବା ସମ୍ପର୍କରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଉଛି। ଆଦାନୀ ୱେଲନେସ୍ ସେଣ୍ଟର, ମୋବାଇଲ ହେଲଥ କେୟାରୟୁନିଟ, ଫିଜିଓଥେରାପିକେନ୍ଦ୍ର, ଚର୍ମ, ଶିଶୁରୋଗ, ଅସ୍ଥିଶଲ୍ୟ, ଭେଷଜ, ପ୍ରସୂତି ଓ ସ୍ତ୍ରୀରୋଗ ବିଭାଗରେ ପ୍ରଦାନ କରାଯାଉଥିବା ବିଶେଷଜ୍ଞ ସ୍ୱାସ୍ଥ୍ୟସେବା ଧାମରାବନ୍ଦର ପାରିପାର୍ଶ୍ୱରେ ଥିବା ଲୋକଙ୍କ ସ୍ୱାସ୍ଥ୍ୟ କ୍ଷେତ୍ରରେ ଯଥେଷ୍ଟ ଉନ୍ନତି ଆଣିପାରିଛି। ଏହି ସଫଳତାର ଏକ ଅଂଶଭାବେ, ଆଦାନୀ ଫାଉଣ୍ଡେସନ ପକ୍ଷରୁ ଦୋସିଙ୍ଗା ଓ ଜାଗୁଳା ଗ୍ରାମ ପଞ୍ଚାୟତର ୧୨ ଜଣ ଦିବ୍ୟାଙ୍ଗଙ୍କୁ ତିନିଚକିଆ ସାଇକଲ ଓ ହ୍ୱିଲଚେୟାର ପ୍ରଦାନ କରାଯାଇଛି। ଶେଷରେ ଏହି ସଫଳତାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ହେଲ୍ପଏଜ୍ ଇଣ୍ଡିଆର ଆଗଧାଡିର କର୍ମଚାରୀ ଓ ଡ. ଜନ୍ମେଜୟ ବେହେରାଙ୍କୁ ସେମାନଙ୍କ ନିରନ୍ତର ସେବା ଓ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା।



**REQUIREMENT**
SIMILIPAL SCIENCE RESIDENTIAL HIGHER SECONDARY SCHOOL &
SIMILIPAL ENGLISH MEDIUM (CBSE) SCHOOL
MANDUA, KARANJIA, MAYURBHANJ
REQUIRE LECTURERS- Physics, Chemistry, Botany, Zoology, Odia, English, Sanskrit, Mathematics, and IT.
DEMONSTRATOR- Physics, Chemistry, Biology and IT.
TGT - Science & Arts having requsite Qualification.
OFFICE Asst. (Clerk)
Salary Negotiable. No TA/DA for attending interview.
DATE OF INTERVIEW: 18.02.2024, 10.30 AM
8249824225, 9937965115
sristkaranjia@yahoo.com
Sd/-
Chairman

ANIMESH Indian Snacks — The ultimate name of Quality
ANIMESH FOOD PRODUCTS
Swasti BAKERY
(An ISO 9001: 2008 & HACCP Certified Company)
Plot No.: 55/D, Food Processing Park, Industrial Estate, Khordha
Email: foodproducts2010@gmail.com


Contact: 8895052838 / 8596070800

# ମୋବାଇଲ ଚୋରି କରି ଫୋନ ପେ'ରୁ ଟଙ୍କା ଲୁଟ୍; ଜଣେ ଗିରଫ

**ଭଦ୍ରକ, ୧୦।୨(ସମିସ):** ମୋବାଇଲ ଫୋନ ଚୋରି କରି ଏହି ଫୋନରେ ଫୋନ ପେ'ରୁ ୨୭ଟି ଟ୍ରାଞ୍ଜେକ୍ସନରେ ୭୫ହଜାର ୧୩୫ ଟଙ୍କା ଲୁଟ କରିଥିବା ଲୁଟେରା ଯୁବକକୁ ଭଦ୍ରକ ଟାଉନ ଥାନା ପୁଲିସ ଗିରଫ କରିବାରେ ସକ୍ଷମ ହୋଇଛି। ସୂଚନାନୁଯାୟୀ, ଭଦ୍ରକ ବ୍ଲକ ଅଧୀନ ଇଚ୍ଛାପୁର ତରାଗଡା ଅଞ୍ଚଳର ଜଗନ୍ନାଥ ସାହୁଙ୍କ ମୋବାସୀଲ ଫୋନଟି ଗତ ୮ତାରିଖରେ ଚୋରି ହୋଇଥିଲା। ସେ ଏଥି ନେଇ ଟାଉନ ଥାନାରେ ଏତଲା ଦେଇଥିଲେ। ତେବେ ପରେ ଜଗ ଜାଣିବାକୁ ପାଇଲେ ଯେ, ତାଙ୍କ ଚୋରି ହୋଇଥିବା ମୋବାଇଲ ଫୋନର ଫୋନ ପେ'ରୁ ୨୭ଟି ଟ୍ରାଞ୍ଜେକ୍ସନରେ କେହି ଜଣେ ଦୁର୍ବୃତ୍ତ ତାଙ୍କ ଆକାଉଣ୍ଟରୁ ୭୫ହଜାର ୧୩୫ ଟଙ୍କା ଲୁଟି ନେଇଛି। ଫଳରେ ଗତ ୯ତାରିଖ ଜଗନ୍ନାଥ ଟାଉନ ଥାନାରେ ଆଇ ଏକ ଏତଲା ଏ ନେଇ ଦେଇଥିଲେ। ଭଦ୍ରକ ଟାଉନ ଥାନା ଆଇଆଇସି ବିରେନ୍ଦ୍ର ସେନାପତି ଏହି ଘଟଣାରେ ତଦନ୍ତ କରି ଧାମନଗର ଥାନା ଆଇଆଇସିଙ୍କ ସହାୟତାରେ ଲୁଟେରା ଚିଣ୍ଟୁ ଦାସକୁ ଆଜି ଗିରଫ କରିବାରେ ସକ୍ଷମ ହୋଇଛନ୍ତି। ଧାମନଗର ଥାନା ଅଞ୍ଚଳର ଲୁଟେରା ଚିଣ୍ଟୁ ଠାରୁ ପୁଲିସ ଜଗନ୍ନାଥଙ୍କ ଚୋରି ହୋଇଥିବା ମୋବାଇଲ ଫୋନ ଓ ଲୁଟ ଟଙ୍କାରୁ ୨୦ହଜାର ନଗଦ ଟଙ୍କା ଜବତ କରିବାରେ ସକ୍ଷମ ହୋଇଛି।

# ଆଜିଠାରୁ ସଚେତନତା କାର୍ଯ୍ୟକ୍ରମ

**ଆଗରପଡ଼ା, ୧୦।୨(ସମିସ):** ରବିବାର ଠାରୁ ପଞ୍ଚାୟତସ୍ତରୀୟ 'ଆମ ଓଡ଼ିଶା ନବୀନ ଓଡ଼ିଶା' ବିକାଶ ବାର୍ତ୍ତା ଅନୁଷ୍ଠିତ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ବିଡିଓଙ୍କ ସୂଚନା ଅନୁଯାୟୀ, ରବିବାର ବନ୍ତ ବ୍ଲକର ଗୋପିନାଥପୁର, ଅଣିଜୋ, ଚାରିଗାଁ ଓ ବଡ଼ମହିଁଷଗୋଠ, ମଙ୍ଗଳବାର ଆଡ଼ିଆ, ବିଟିପୁର, ରାମଚନ୍ଦ୍ରପୁର ଓ କାଦବରାଙ୍ଗ, ଗୁରୁବାର ଗଣିଜାଙ୍ଗ, ଛୟାଳସିଂ, ବନ୍ତ ଓ ବସନ୍ତିଆ, ଶନିବାର ରାମପୁର, ରାମକୃଷ୍ଣପୁର, କେନ୍ଦୁଆପଦା ଓ ତୋଡ଼ଗାଁ, ସୋମବାର ନିଳକ, ପଧାନପଡ଼ା, ଷେଣ୍ଢିରା ଓ ଗୋବିନ୍ଦପୁର, ବୁଧବାର ବଡ଼ବର୍ଚ୍ଛିକୟାଁ, ପୁରୁଷଣ୍ଡ, ମହାନ୍ତିପଡ଼ା, ଶୁକ୍ରବାର ଟିଲୋ ଏବଂ ଓଡ଼ଙ୍ଗ ପଞ୍ଚାୟତରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ବିଭାଗ ପକ୍ଷରୁ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରେ ନିଜର ସଫଳତାକୁ ପଞ୍ଚାୟତବାସୀଙ୍କ ନିକଟରେ ଉପସ୍ଥାପନା କରାଯିବା ସହ ବିକାଶର ବାର୍ତ୍ତା ପ୍ରେରଣ କରାଯିବାର ଯୋଜନା ରହିଛି।

# ମାତୃପିତୃ ପୂଜନ ଉତ୍ସବ

**ମଞ୍ଜୁରୀ ରୋଡ଼, ୧୦।୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ରାଜେନ୍ଦ୍ରପୁର ଠାରେ ଆଜି ପବିତ୍ର ମାତୃପିତୃ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସନ୍ଥ ଆଶାରାମଜୀ ବାପୁ ଅନୁପ୍ରାଣିତ ଭଦ୍ରକ ଶ୍ରୀଯୋଗ ବେଦାନ୍ତ ସେବା ସମିତିର ସାଧକ ଭାଇ ମାନେ ଯୋଗ ଦେଇ ଫେବୃଆରୀ ୧୪ ତାରିଖରେ ସମସ୍ତେ ମାତା ପିତାଙ୍କୁ ପୂଜାର୍ଚ୍ଚନା କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଉପସ୍ଥିତ ଥିବା ଅନେକ ମାତାପିତାଙ୍କୁ ସେମାନଙ୍କ ସନ୍ତାନ ମାନେ ବୈଦିକ ପରମ୍ପରା ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ।

# ହରିହଂସ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

**ଅସୁରାଳି, ୧୦।୨(ସମିସ):** ଧୂଷୁରୀ ପଞ୍ଚାୟତ ହରିହଂସ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ ଆନୁଷ୍ଠାନିକ ଭାବରେ ଯୋଗଦେଇ ସଭାକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ପତିଙ୍କ ସଭାପତିତ୍ୱରେ ସଭାଟି ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମା'ସାରଦା ଦେବୀ ଡିଗ୍ରୀ କଲେଜ ଅଧ୍ୟକ୍ଷ ସତ୍ୟବ୍ରତ ଭାରତୀ, ବାବାମଣି ଡିଗ୍ରୀ କଲେଜ ଅଧ୍ୟାପକ ନୀକୁଞ୍ଜ କିଶୋର ଜେନା, ଏମ୍‌ଡି ହାଇସ୍କୁଲ ପ୍ରଧାନ ଶିକ୍ଷକ ଅକ୍ଷୟ ହୋତା, ଧୂଷରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ସମିତି ସଭ୍ୟ ଭାରତ ବିଜୟ ଦଳାଇ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ତୃପ୍ତି ରଞ୍ଜନ ବିଶ୍ୱାଳ, ଏସଏମସି ସଭାପତି ଜ୍ୟୋସ୍ନାରାଣୀ ନାୟକ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ଶେଷରେ ଶିକ୍ଷକ ସଞ୍ଜୟ ବିନ୍ଧାଣୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବାର୍ଷିକ ଉତ୍ସବ ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ବହୁ ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ।

# ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟନ

**ଧାମନଗର, ୧୦।୨(ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ ନଦୀଗାଁ ପଞ୍ଚାୟତ ଅଧୀନ ଡିହସାହି ଖେଳପଡ଼ିଆ ପରିସରରେ ଜୟ ଜଗନ୍ନାଥ ଫୁଟବଲ କ୍ଲବ ଆନୁକୂଲ୍ୟରେ ମହିଳା ଜୁନିଅର ଫୁଟବଲ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନୀ ମ୍ୟାଚରେ ଭଦ୍ରକ ଜିଲ୍ଲା ମହିଳା ଫୁଟବଲ ଆସୋସିଏସନ ଚାନ୍ଦବାଲି ଓ କେନ୍ଦ୍ରାପଡ଼ା ଜିଲ୍ଲାର ଆଳି ଏନ୍‌ସିଟି କ୍ଲବ ତରାସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପେନାଲଟି ସୁଟଆଉଟରେ ଚାନ୍ଦବାଲି ବିଜୟ ହୋଇଥିଲା। ସେକ ରିଆଜ କାଦ୍ରୀ, ମହେଶ୍ୱର ପତ୍ରି ଓ କସରଙ୍ଗା ହେମ୍ବ୍ରମ ରେଫରୀ ଭାବେ କାର୍ଯ୍ୟ ତୁଲାଇଥିଲାବେଳେ ହରିହର ସାହୁ ଓ ଲକ୍ଷ୍ମଣ ସାହୁ ଧର ବିବାରଣୀ ପ୍ରଦାନ କରିଥିଲେ। ଏହି ଉଦଘାଟନୀ ମ୍ୟାଚରେ ମୁଖ୍ୟଅତିଥି ଭାବେ ପ୍ରଧାନ ଶିକ୍ଷକ ସିବିଚରଣ ମଲିକ, ସାମ୍ବାଦିକ ସଂଜୀବ ମହାନ୍ତି, ବିଶ୍ୱଜିତ ପଲାଇ, ପୂର୍ବତନ ଅଧ୍ୟାପକ କ୍ଷୀରୋଦ ରାୟମହାପାତ୍ର, ସମିତି ସଭ୍ୟ ସୁନାରାଣୀ ଦାସ, ସମାଜସେବୀ ନିରଞ୍ଜନ ମାଝୀ, ସତ୍ୟଜିତ ଓଝା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଆଲୋକ ନାୟକ, ଲିଙ୍ଗରାଜ ବାରିକ, ତପୁନ ନାୟକ, ଅରୁଣ ଦାସ, ସିବାନନ୍ଦ ବାରିକ, ବିବେକାନନ୍ଦ ବାରିକ ପ୍ରମୁଖ ସହଯୋଗ କରିଥିଲେ।

## କେନ୍ଦ୍ର ମତ୍ସ୍ୟସମ୍ପଦ ମନ୍ତ୍ରୀଙ୍କୁ ଭେଟିଲେ ଭଦ୍ରକ ସାଂସଦ

# ଉପକୂଳବର୍ତ୍ତୀ ମତ୍ସ୍ୟଜୀବୀଙ୍କ ଉନ୍ନତି ଓ ଜେଟିର ବିକାଶ ଦାବି

ଭଦ୍ରକ, ୧୦।୨(ସମିସ)

ଭଦ୍ରକ ସଂସଦୀୟ କ୍ଷେତ୍ର ଉପକୂଳବର୍ତ୍ତୀ ମତ୍ସ୍ୟଜୀବୀମାନଙ୍କର ଉନ୍ନତି ଏବଂ ଧାମରା, ଚାନ୍ଦିନୀପାଳ, କସିଆ ଓ ଚୁଡ଼ାମଣି, ଅଡୁଆଁ, ମୋହନପୁର, ପଞ୍ଚୁବିସାଠାରେ ସ୍ଥାପିତ ମାଛଧରା ଜେଟି ଗୁଡ଼ିକର ଉନ୍ନତି ଲାଗି କେନ୍ଦ୍ର ମତ୍ସ୍ୟ, ପ୍ରାଣୀ ସମ୍ପଦ ଓ ଦୁଗ୍ଧ ଉତ୍ପାଦନ ମନ୍ତ୍ରୀ ପୁରୁଷୋତ୍ତମ ରୂପାଲାଙ୍କ ନିକଟରେ ଦାବି ରଖିଛନ୍ତି ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ।

ଗତ ୯ ଜାନୁଆରୀ ମାସରେ କେନ୍ଦ୍ରମନ୍ତ୍ରୀ ସାଗର ପରିକ୍ରମା ଗସ୍ତରେ ଆସିଥିବା ବେଳେ ଧାମରା, ଚାନ୍ଦିନୀପାଳ ଓ ଚୁଡ଼ାମଣିଠାରେ ଭଦ୍ରକ ସାଂସଦ, ବିଧାୟକ, ପଞ୍ଚାୟତ ପ୍ରତିନିଧି, ମତ୍ସ୍ୟଜୀବୀ, ବିଭିନ୍ନ ମତ୍ସ୍ୟଜୀବୀ ସଂଗଠନ ସହିତ ବିଭିନ୍ନ ସମସଞ୍ଚା ନେଇ ଆଲୋଚନା କରିଥିଲେ। ଜୀବନ ଜୀବିକା, ପ୍ରସ୍ତାବିତ ମାଛଧରା ଜେଟି ଯଥା-ଧାମରା, କସିଆ, ଚୁଡ଼ାମଣି ଓ ପଞ୍ଚୁବିଶାରେ ଆଧୁନିକ ଜେଟି ସହ ଅନ୍ୟାନ୍ୟ ଭିତ୍ତିଭୂମିର ବିକାଶ, ମାଛଧରା ମୁହାଣ ଅଞ୍ଚଳ ଖନନ ଓ ପୁନରୁଦ୍ଧାର, ଚାନ୍ଦିନୀପାଳରେ ମାଛ ନିଲାମ ସ୍ଥାନ ପାଇଁ ମାଛ ଅବତରଣ କେନ୍ଦ୍ର ପ୍ରତିଷ୍ଠା, ଧାମରା ଓ ଚୁଡ଼ାମଣି ରେ ଶୁଖୁଆ ଖଳା ଗୁଡ଼ିକର ଭିତ୍ତିଭୂମି, ମାଛ ନିଲାମ ବଜାର ପାଇଁ ବଡ଼ କଂକ୍ରିଟ ପ୍ଲାଟଫର୍ମ ନିର୍ମାଣ, ମତ୍ସ୍ୟଜୀବୀ ସହାୟତା ବୃଦ୍ଧି, ଅଲିଭ ରିଡ୍‌ଲେ କଇଁଛଙ୍କ ପ୍ରଜନନ ଓ ସେମାନଙ୍କ ପାଇଁ ସଠିକ ସ୍ଥାନ ଚିହ୍ନଟ, ଶୀତଳ ଭଣ୍ଡାର ପ୍ରତିଷ୍ଠା, ଲାଇଟ୍ ହାଉସ ନିର୍ମାଣ, ଯାନ୍ତ୍ରିକ ଡଙ୍ଗା ମାଲିକଙ୍କ ପାଇଁ ଡିଜେଲ ଉପରେ ସବ୍‌ସିଡି ପ୍ରଦାନ, ଗମେଇ ନଦୀ ମାଛଧରା ମୁହାଣ ଖନନ ଓ ପୁନରୁଦ୍ଧାର ପାଇଁ ସାଂସଦ



ଶ୍ରୀମତୀ ମଣ୍ଡଳ କେନ୍ଦ୍ରମନ୍ତ୍ରୀଙ୍କ ନିକଟରେ ସବିଶେଷ ଆଲୋଚନା କରି ଏହାର ସବିଶେଷ ତାଙ୍କ ମନ୍ତ୍ରାଳୟକୁ ଆମନ୍ତ୍ରଣ କରିଥିଲେ। ଯାହା ଫଳରେ ଆଜି ଭଦ୍ରକ ସାଂସଦ ନିଜର ଲିଖିତ ପତ୍ର ମାଧ୍ୟମରେ କେନ୍ଦ୍ରମନ୍ତ୍ରୀଙ୍କୁ ସାକ୍ଷାତ କରି ଏହାର ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଆଲୋଚନା କରିଥିଲେ। କେନ୍ଦ୍ରମନ୍ତ୍ରୀ କ୍ଷେତ୍ର ପରିଦର୍ଶନ କରିଥିବାରୁ ଖୁବଶୀଘ୍ର ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେବ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ। ଏହି ଆଲୋଚନାରେ ସାଂସଦଙ୍କ ସହ ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲ୍ଲା ପରିଷଦ ସଭ୍ୟ ବଳଭଦ୍ର ଲେଙ୍କା, ଚୁଡ଼ାମଣି ସରପଞ୍ଚ ଅଗଣୀପ୍ରସାଦ ଜେନା, ଦୋସିଙ୍ଗା ସରପଞ୍ଚ ଇଂ.ରମକୃଷ୍ଣ ଜେନା ଉପସ୍ଥିତ ଥିଲେ।

## ସଂସଦରେ ଉପକୂଳ ରାଜପଥ ପ୍ରସଙ୍ଗ ଉଠାଇଲେ ଭଦ୍ରକ ସାଂସଦ

**ଭଦ୍ରକ, ୧୦।୨(ସମିସ):** ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ ସଂସଦର ଶୂନ୍ୟକାଳରେ ଭାରତମାଳା ପରିଯୋଜନା ଅନ୍ତର୍ଗତ ଉପକୂଳ ରାଜପଥ ନିର୍ମାଣ ପ୍ରସଙ୍ଗ ଉଠାଇଛନ୍ତି। ଏହି ପରିଯୋଜନାରେ ରାମେଶ୍ୱର-ରତନପୁର, ରତନପୁର-ଦୀଘା ପ୍ରସ୍ତାବିତ ଉପକୂଳ ରାଜପଥର ଅଗ୍ରଗତି ବାବଦରେ ପ୍ରଶ୍ନ ରଖିଥିଲେ। ସେହିଭଳି ଝାମୁଝାଡି-ଧାମରା ମଧ୍ୟରେ ନିର୍ମାଣାଧୀନ ପ୍ରକଳ୍ପର ଅଗ୍ରଗତି, ପ୍ରକଳ୍ପର ଜମି ଅଧିଗ୍ରହଣ, କ୍ଷତିଗ୍ରସ୍ତଙ୍କ ଥଇଥାନ ଆଦି ବାବଦରେ କେନ୍ଦ୍ର ସଡ଼କ, ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କ ଉଦ୍ଦେଶ୍ୟରେ ପ୍ରଶ୍ନ ରଖିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ଭଦ୍ରକ ସଂସଦୀୟ କ୍ଷେତ୍ର ଅଧୀନରେ ପ୍ରସ୍ତାବିତ ଉପକୂଳ ରାଜପଥ ପ୍ରକଳ୍ପ ୭୦ କିଲୋମିଟର ରହିଛି। ସେହିଭଳି ଜାମଝାଡି-ଧାମରା ରାଜପଥ ନିର୍ମାଣର ଅଗ୍ରଗତି ଆଖିଦୃଶିଆ ହେଉନଥିବାରୁ ଧାମରା ବନ୍ଦରରୁ ମାଲ ପରିବହନ କ୍ଷେତ୍ରରେ ସମସ୍ୟା ଉପୁଜିଛି।

# ବିଶ୍ରାମପୁରଠାରୁ ନେଢୁଆଳି ରାସ୍ତା ଭିତ୍ତିପ୍ରସ୍ତର ସ୍ଥାପନ

**ଚାନ୍ଦବାଲି, ୧୦।୨(ସମିସ):** ଚାନ୍ଦବାଲି ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଡ. ବ୍ୟୋମକେଶ ରାୟ ଶନିବାର ଅପରାହ୍ଣରେ ଚାନ୍ଦବାଲି ବ୍ଲକର ବିଶ୍ରାମପୁର ଠାରୁ ନେଢୁଆଳି ଭାୟା ଯୋଗିପୋଖରୀ ରାସ୍ତାର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ୫.୩୪ କୋଟି ଟଙ୍କାର ଅନୁଦାନରେ ୫ କିମି ରାସ୍ତା ନିମର୍ରଣ ପାଇଁ ଯୋଗାଇ ଦେଇଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ଉକ୍ତ ରାସ୍ତା ନିର୍ମାଣ ହେଲେ ଚାନ୍ଦବାଲିର ଗମନାଗମନ ଅଧିକ ସୁଦୃଢ଼ ହେବ। ଉକ୍ତ କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ବ୍ଲକ ଅଧ୍ୟକ୍ଷା ମିନତୀ ସୁତାର, ଉପାଧ୍ୟକ୍ଷ ସରୋଜ ବଳ, ପ୍ରାକ୍ତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦ୍ୱିଜବର ରାଉତ, ଜିଲ୍ଲା ପରିଷଦ ସଭ୍ୟା ଗୀତାଞ୍ଜଳି ଦାଶ, ପ୍ରିନ୍ସ ରାକେଶ ନାୟକ, କାଣ୍ଡଗରଡି ସରପଞ୍ଚ ଲମୋଦର ପଣ୍ଡା, ଓରାସାହି ସରପଞ୍ଚ ଭାରତୀ ନାୟକ, ସମିତି ସଭ୍ୟା ବିନିତା ରାଉତ, ବିଧାୟକ ପ୍ରତିନିଧି ଅକ୍ଷୟ ନାୟକ ଓ ଯୁବନେତା ଦୀପକ ରାଉତ ପ୍ରମୁଖ ଉପସ୍ଥିତ ରହି ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।



# ଝୁଟୁଣା ତାରିଣୀ ପୀଠରେ ତ୍ରିବେଣୀ ମେଳା



**ମଞ୍ଜୁରୀରୋଡ଼, ୧୦।୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଝୁଟୁଣା ତାରିଣୀ ପୀଠ ଠାରେ ମା'ଙ୍କ ୪୧ତମ ବାର୍ଷିକ ଉତ୍ସବ ସହିତ ପବିତ୍ର ତ୍ରିବେଣୀ ମେଳା ଆରମ୍ଭ ହୋଇଛି। ଅମାବାସ୍ୟା ଠାରୁ ଆସନ୍ତା ବୁଧବାର ଯାଏଁ ପୂଣ୍ୟତୋୟା ବୈତରଣୀ ନଦୀ କୂଳରେ ମେଳା ଆୟୋଜନ ହେଉଛି। ପ୍ରଥମ ଦିନରେ ବୈଦିକ ରୀତିନୀତି ଅନୁଯାୟୀ ଅଙ୍କୁରାରୋପଣ, ଅଧିବାସ କାର୍ଯ୍ୟ ହୋଇଥିବା ବେଳେ ପରେ ପରେ ସୂର୍ଯ୍ୟ ପୂଜା, ଠାକୁରାଣୀଙ୍କ ଜଳଯାତ୍ରା, ଚଣ୍ଡୀପାଠ ଅନୁଷ୍ଠିତ ହୋଇଥିଲା ମା'ଙ୍କ ମୁଖ୍ୟ ପୂଜକ ଗଦାଧର ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାଥି ପୂଜକ ମାନେ ପୂଜାର୍ଚ୍ଚନା ଦାୟିତ୍ୱ ନିର୍ବାହ କରିଛନ୍ତି। ସେହିଭଳି ସଂକଳ୍ପ କର୍ତ୍ତା ଭାବେ ଗତିକୃଷ୍ଣ ରାୟ ଓ ମଣିଭଦ୍ର ପଲ୍ଲାର ଦାୟିତ୍ୱ ତୁଲାଇଛନ୍ତି। ପୂଜା କମିଟି ପକ୍ଷରୁ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ ହୋଇଥିବା ସଭାପତି ରତିକାନ୍ତ ରାୟ ଓ ସମ୍ପାଦକ ଅରପ୍ରିୟ ମହାପାତ୍ର ସୂଚନା ଦେଇଛନ୍ତି। ଏହାଛଡା ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସୋମବାର ଠାରୁ ଅପେରା ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ଜଣାଯାଇଛି। ବାର୍ଷିକ ଉତ୍ସବକୁ କମିଟି ସଦସ୍ୟ ଜୟପ୍ରକାଶ ମହାପାତ୍ର, କିଶୋର ରାଉତ, ଦେବେନ୍ଦ୍ର ରାଉତ, ନାରାୟଣ ଖୁଣ୍ଟିଆ, ଅଜୟ ଜେନା, କମଳାକାନ୍ତ ପତି, ପାର୍ଥସାରଥୀ ବିଶ୍ୱାଳ, ମୃତ୍ୟୁଞ୍ଜୟ ଜେନା, ମୁକୁନ୍ଦ ଜେନା ପ୍ରମୁଖ ପରିଚାଳନା କରିଥିଲେ।

# ପାଣି ଭିତରେ ୱାଲ ନିର୍ମାଣ କରି ଠିକାଦାର ଛୁ

**ମଞ୍ଜୁରୀରୋଡ, ୧୦।୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା ୩ନମ୍ବର ମୁଖ୍ୟ କେନାଲନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ତୃଟିପୂର୍ଣ୍ଣ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। କେନାଲର ବରଦା ଜାର ଠାରୁ ଆଲିହା ଡିଗି ପୋଲ ଯାଏଁ ୩ମାସ ପୂର୍ବରୁ ଅତି ନିକୃଷ୍ଟ ମାନର ମୋରମ ମେଷ୍ଟାଲ କାର୍ଯ୍ୟ ହୋଇଥିବା ଅଭିଯୋଗ ହୋଇଥିଲା। ଯେଉଁ କାରଣ ପାଇଁ ଠିକାଦାରଙ୍କୁ ନାକେଦମ ହେବାକୁ ପଡ଼ିଥିଲା। ଅନୁରୂପ ଭାବେ କୋଳିଗଡ଼ି ନିକଟରେ ସମାନ ଯାଜପୁରର ଜଣେ ଠିକାଦାର ପ୍ରସ୍ତୁତ ଏଷ୍ଟିମେଣ୍ଟକୁ ଭିତ୍ତି କରି କଂକ୍ରିଟ କାର୍ଯ୍ୟ କରୁଛନ୍ତି। କେନାଲରୁ ପାଣି ଶୁଖିନଥିବା ବେଳେ ୱାଲ ନିର୍ମାଣ କାର୍ଯ୍ୟ କରି ଠିକାଦାର ଛୁ ମାରିଛି। ଏମିତି କାମ ହୋଇଛି ଯେ କେନାଲ ପାଣି ଭିତରେ ବାଲି, ସିମେଣ୍ଟ ଓ ମେଷ୍ଟାଲ ମିଶ୍ରଣ କରି ଢଳା ଯାଇଛି। ଲୁହାଛଡ ବିନା ପାଣି ଭିତରେ କଂକ୍ରିଟ କାର୍ଯ୍ୟ ହେଉଥିବା ବେଳେ କାମର ନିକୃଷ୍ଟତାକୁ ଏହା ପ୍ରମାଣ କରୁଛି। ଏହାଛଡା ଅନାମଧେୟ ସିମେଣ୍ଟ ମଧ୍ୟ ବ୍ୟବହାର ହୋଇଥିବା ସୂଚନା ମିଳିଛି। କାମ ତଦାରଖ ଦାୟିତ୍ୱ ନେଇଥିବା ଧାମନଗର ଜଳ ସମ୍ପଦ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଓ ଅନ୍ୟ ଯନ୍ତ୍ରୀମାନେ କାର୍ଯ୍ୟ କ୍ଷେତ୍ରକୁ ପ୍ରାୟତଃ ଆସୁନଥିବାରୁ ଠିକା ସଂସ୍ଥା ଅତ୍ୟଧିକ ଲାଭଖୋର ମାନବୃତ୍ତି ନେଇ କାମ କରୁଥିବା ଜନସାଧାରଣ ମାନେ ଜଣାଇଛନ୍ତି। କେବଳ କୋଳିଗଡ଼ି ନୁହେଁ ବରୋଦା ବଜାର, ଦକ୍ଷିଣବାଡ଼ ନିକଟ ଶ୍ୟାମପୁର ଠାରେ ମଧ୍ୟ ନିର୍ମାଣାଧୀନ ୱାଲ କାର୍ଯ୍ୟ ଖରାପ ହୋଇଥିବା ଜଣାଯାଇଛି। ମୋଟାମୋଟି ଭାବେ ଭଣ୍ଡାରିପୋଖରୀ ବ୍ଲକ ଦେଇଯାଇଥିବା କେନାଲ ଗୁଡିକରେ ମୋରମ, ମେଷ୍ଟାଲ କାର୍ଯ୍ୟ ହେଉ କିମ୍ବା ପାଣି ନିଷ୍କାସନ କଲଭର୍ଟ ତଥା କଂକ୍ରିଟ ୱାଲ ନିର୍ମାଣ ହେଉ ସବୁଥିରେ ଠିକାସଂସ୍ଥା ମାନମୁଖୀ କାର୍ଯ୍ୟ କରୁଥିବା ବାରମ୍ବାର ଅଭିଯୋଗ ହେଉଛି। ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଉଚ୍ଚ ପଦସ୍ଥ ଅଧିକାରୀ ଏହା ଉପରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ଜୋର ଧରିଛି।



# ଚେକ ବାଉନ୍ସ ମାମଲାରେ ବର୍ଷେ ଜେଲ୍

**ଭଦ୍ରକ, ୧୦।୨(ସମିସ):** ଭଦ୍ରକ ଉପଖଣ୍ଡରୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଏକ ଚେକ୍ ବାଉନ୍ସ ମାମଲାର ବିଚାର କରି ଭିଯୁକ୍ତକୁ ୧ବର୍ଷ କାରାଦଣ୍ଡାଦେଶ ସହ ୧୯ ଲକ୍ଷ ଟଙ୍କା କ୍ଷତିପୂରଣ ବାବଦ ପ୍ରଦାନ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ବିବରଣୀରୁ ପ୍ରକାଶ ଯେ, ଭଦ୍ରକ ବ୍ଲକ ଅଧୀନ ବହୁଦରଡା ପଞ୍ଚାୟତବାସୀ ଅଭୟ ଜେନା ବାଲେଶ୍ୱର ଜଲ୍ଲାର ରମାଦେବୀ ଫୁଡସ୍ ପ୍ରଇଭେଟ ଲିମିଟେଡ ନାମକ ଏକ ରାଇସ ମିଲକୁ ୧୫ ଲକ୍ଷ ଟଙ୍କା ମୂଲ୍ୟର ଧାନ ଦେଇଥିଲେ। ରାଇସମିଲର ମାଲିକ ବାଲେଶ୍ୱର ର ଗୌତମ ପାତ୍ର ଧାନର ମୂଲ୍ୟ ବାବଦକୁ ଅଭୟ ଜେନାଙ୍କୁ ୧୫ ଲକ୍ଷ ଟଙ୍କାର ଏକ ବ୍ୟାଙ୍କ ଚେକ ୨୦୨୨ ଜାନୁଆରୀ ୧୯ ତାରିଖରେ ଦେଇଥିଲେ। ତେବେ ଜାନୁଆରୀ ୨୪ ତାରିଖରେ ଉକ୍ତ ଚେକଟି ବ୍ୟାଙ୍କରେ ଜମାଦେବା ପରେ ତାହା ବାଉନ୍ସ ହୋଇ ଯାଇଥିଲା। ପରେ ପୁଣି ଫେବୃଆରୀ ୨୨ ତାରିଖରେ ଶ୍ରୀ ଜେନା ଚେକଟି କୁ ପୁଣିଥରେ ବ୍ୟାଙ୍କରେ ଜମା ଦେବା ପରେ ମଧ୍ୟ ସମାନ ସ୍ଥିତି ଉପୁଜିଥିଲା। ଏହାପରେ ଶ୍ରୀ ଜେନାଙ୍କ ତରଫରୁ ଗୌତମ ପାତ୍ରଙ୍କୁ ଏକ ଲିଗାଲ ନୋଟିସ ପ୍ରଦାନ କରାଯିବା ପରେ ମଧ୍ୟ ସେ ପ୍ରାପ୍ୟ ପାଇନଥିଲେ। ଶେଷରେ ବାଧ୍ୟହୋଇ ଗତ ୨୦୨୨ ଅପ୍ରେଲ ୫ ତାରିଖରେ ଏସ୍‌ଡିଜେଏମଙ୍କ ଅଦାଲତରେ ଏକ ୧ସିସି (କଂପ୍ଲେନ କେଶ) ନଂ-୫୪/୨୦୨୨ ମାମଲା ରୁଜୁ କରିଥିଲେ। ତେବେ ଉକ୍ତ ମାମଲାର ଜବାବ ସୁଆଲ ପରେ ଗତ ୬ ତାରିଖରେ ରାୟ ପ୍ରକାଶ ପାଇଛି। ଯେଉଁଥିରେ ସଂପୃକ୍ତ ରାଇସ୍ ମିଲ ମାଲିକ ଗୌତମ ପାତ୍ରଙ୍କୁ ୧୯ ଲକ୍ଷ ଟଙ୍କା ପ୍ରଦାନ କରିବାକୁ କୁହାଯାଇଛି। ଏଥିସହ ୧ବର୍ଷ ଜରିମାନା ଆଦେଶ ହୋଇଛି। କ୍ଷତିପୂରଣ ଟଙ୍କା ଦେବାରେ ଖିଲାପ କଲେ ଆଉ ୬ମାସ କାରାଦଣ୍ଡାଦେଶ ହୋଇଛି। ଅଭିଯୋଗକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଶରତ ମହାପାତ୍ର ମାମଲା ଲଢୁଥିଲେ।

**● ୧୯ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ଲାଗି ନିର୍ଦ୍ଦେଶ**

# ବାସୁଦେବାୟନ ମହୋତ୍ସବ ୨ୟ ସନ୍ଧ୍ୟା

**ବାସୁଦେବପୁର, ୧୦।୨(ସମିସ):** ବାସୁଦେବପୁର ପୌରପାଳିକା ପକ୍ଷରୁ ବାସୁଦେବାୟନ ମହୋତ୍ସବ ୨ୟ ସନ୍ଧ୍ୟା ବେଶ ଧୁମ୍ ଧାମରେ ପାଳିତ ହୋଇଯାଇଛି। ସ୍ଥାନୀୟ ସହରାଞ୍ଚଳ ଯାଦବ ପଡ଼ିଆ ଠାରେ ଅନୁଷ୍ଠିତ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ପୌରାଧ୍ୟକ୍ଷା ନିବେଦିତା ବେହେରାଙ୍କ ପୌରାହିତ୍ୟରେ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଞ୍ଜୀବ କୁମାର ସାହୁ, ତହସିଲଦାର ସୌଭାଗ୍ୟ ରଞ୍ଜନ ଷଣ୍ଢ ଯୋଗଦେଇଥିଲେ। ଏହି ମହୋତ୍ସବର ବାସୁଦେବପୁର ଆର୍ଦଶ ବିଦ୍ୟଳୟ, କ୍ରୀଡ଼ାବିତ ଭାବେ ରଞ୍ଜନ କୁମାର ବେହେରା, ବଂଶୀବାଦକ ଜୟରାମ ବାରିକ୍, ସ୍ୱାଧୀନତା ସଂଗ୍ରାମୀ ଉଷାମଣି ମହାନ୍ତି, କବି ପ୍ରହ୍ଲାଦ ବାରିକଙ୍କୁ ସମ୍ମାନିତ କରାଯାଇଥିଲ। ଅନ୍ୟତମ ଅତିଥି ଭାବେ ସ୍ଥାନୀୟ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ସମାଜସେବୀ ଶୁଭେନ୍ଦୁ ଭୂଷଣ ବେହେରା, ଶିକ୍ଷାବିତ ଭାଗୀରଥି ପଲେଇ ଓ ଅତିସ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ପ୍ରସିଦ୍ଧ ଗୀତିକାର ଇରା ମହାନ୍ତିଙ୍କ ମନମୁଗ୍ଧ ସଙ୍ଗୀତ ପରିବେଷଣରେ ମଜା ନେଇଥିଲେ ବାସୁଦେବପୁର ସହରବାସୀ।



# ବ୍ଲକସ୍ତରୀୟ ପ୍ରଧାନଶିକ୍ଷକ/ଶିକ୍ଷୟିତ୍ରୀ ବୈଠକ

**ଧାମନଗର, ୧୦।୨(ସମିସ):** ଧାମନଗର ବ୍ଲକସ୍ତରୀୟ ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀ ମାନଙ୍କର ୫ମ ମାସିକ ବୈଠକ ସ୍ଥାନୀୟ ଖପରପଦା ସରକାରୀ ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛ। ପ୍ରଧାନ ଶିକ୍ଷକ ସୌଭାଗ୍ୟ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଗଦାଧର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବ୍ଲକର ସମସ୍ତ '୫-ଟି' ଯୋଜନାରେ ହାଇସ୍କୁଲରୁ ୪୬ଜଣ ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ସାଧନକର୍ମୀ ଭାବେ ଧାମନଗର ବ୍ଲକର ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସତ୍ୟସୁନ୍ଦର ପରିଡ଼ା ଧାମନଗର ହାଇସ୍କୁଲର ପ୍ରଧାନ ଶିକ୍ଷକ ରମଣୀ ରଞ୍ଜନ ରାଉତ ଓ ଧୂଷୁରୀ ମୂରଲୀଧର ହାଇସ୍କୁଲ ପ୍ରଧାନ ଶିକ୍ଷକ ଅକ୍ଷୟ ହୋତା ଯୋଗଦେଇଥିଲେ। ପ୍ରଧାନଶିକ୍ଷକମାନେ ବିଦ୍ୟାଳୟର ସ୍ମାର୍ଟ କ୍ଲାସ, ଇ-ଲାଇବ୍ରେରୀ, ବିଜ୍ଞାନଗାର ବୁଲି ଦେଖିଥିଲେ। ପ୍ରଧାନଶିକ୍ଷକ ଦେବେନ୍ଦ୍ର ମଲ୍ଲିକ, ଖଗେଶ୍ୱର ଜେନା, ପ୍ରିୟତମା ପାଣିଗ୍ରାହୀ, ବିଜୟ ମିଶ୍ର, ସତ୍ୟ ପାଣିଗ୍ରାହୀ, ମଦନ ସାମନ୍ତରାୟ, ଅରୁଣ ଜେନା, ଶେଖର ଜେନା, ଶରତ ସାହୁ ତାଙ୍କର ବକ୍ତବ୍ୟ ରଥିଲେ। ଶେଷରେ ଶିକ୍ଷକ ସୁନ୍ଦର ପାଡ଼ୀ, ନିହାର ରଞ୍ଜନ କର, ମୁଖ୍ୟମନ୍ତ୍ରୀ ପୁରସ୍କାର ପାଇଥିବା ପ୍ରଧାନ ଶିଷକ ଅକ୍ଷୟ ହୋତା ଓ ବିଜ୍ଞାନ ଶିକ୍ଷକ ଦେବବ୍ରତ ବିଶ୍ୱାଳଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇ ଥିଲା। ଶେଷରେ ଶିକ୍ଷୟିତ୍ରୀ ଅପରାଜିତା ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ବିକିଲେଣି ୩୮, ୮୧୩ ଜଣ ପଞ୍ଜିକୃତ ଚାଷୀ

# କିଣାଗଲାଣି ୧୫ଲକ୍ଷ କ୍ୱିଣ୍ଟାଲରୁ ଅଧିକ ଧାନ

ଭଦ୍ରକ, ୧୦।୨(ସମିସ)

ଭଦ୍ରକ ଜିଲ୍ଲାରେ ଗତ ଡିସେମ୍ବର ୨୯ତାରିଖରୁ ଧାନମଣ୍ଡି ଖୋଲି ଧାନକ୍ରୟ କାରବାର ଆରମ୍ଭ ହୋଇଥିଲା। ଜିଲ୍ଲାରେ ଥିବା ୧୫୯ଟି ଧାନମଣ୍ଡିରୁ ୯ତାରିଖ ସନ୍ଧ୍ୟା ସୁଦ୍ଧା ୧୫ଲକ୍ଷ ୮୭ ହଜାର ୮୭୩ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଥିବା ଜିଲ୍ଲା ଯୋଗାଣ ବିଭାଗ ସୂତ୍ରରୁ ଜଣାଯାଇଛି। ସେହିଭଳି ଏତିକି ପରିମାଣର ଧାନ ଜିଲ୍ଲାରେ ୩୮ହଜାର ୮୧୩ଜଣ ପଞ୍ଜିକୃତ ଚାଷୀଙ୍କ ଠାରୁ କ୍ରୟ କରାଯାଇଥିବା ଜଣାଯାଇଛି। ଅନ୍ୟପକ୍ଷରେ ଧାନକ୍ରୟ କାର୍ଯ୍ୟରେ ବିଭିନ୍ନ ମଣ୍ଡିରେ ପ୍ରାୟ ୬ରୁ ୭କେଜି ପରିମାଣର ଧାନ କଟ୍‌ନୀ ଛଟନୀ ବାବଦକୁ କଟା ଯାଉଥିବା ନେଇ ଚାଷୀମାନେ ଅସନ୍ତୋଷ ସୃଷ୍ଟି ହୋଇଛି। ଅନୁରୂପ ଭାବେ ଜିଲ୍ଲାରେ ଧାନକିଣାରେ ସାମିଲ ମିଲର୍ସମାନେ ଆଜି ସୁଦ୍ଧା ୧୨ଲକ୍ଷ ୧୬ହଜାର ୯୦୪ କ୍ୱିଣ୍ଟାଲ ଧାନ ମଣ୍ଡିମାନଙ୍କରୁ ଉଠାଇ ନେଇଥିବା ବେଳେ ଜିଲ୍ଲା ବାହାରର ମିଲରମାନେ ୨ଲକ୍ଷ ୭୩ହଜାର ୯୯୩ କ୍ୱିଣ୍ଟାଲ ଧାନ ଉଠାଇଥିବା ଜଣାଯାଇଛି। ଧାନ କିଣା କାରବାର ଦେଢ଼ମାସ ମଧ୍ୟରେ ପ୍ରାୟ ୭୦ପ୍ରତିଶତ ଧାନ ସଂଗ୍ରହ ହୋଇଥିବା ଜଣାଯାଇଛି। ଏଠାରେ ସୂଚନାଯୋଗ୍ୟ, ଭଦ୍ରକ ଜିଲ୍ଲାରେ ଚଳିତ ଖରିଫ ଧାନ ସଂଗ୍ରହରେ ଏ ବର୍ଷ ଭଦ୍ରକ ଜିଲ୍ଲାରେ ୨୩ଲକ୍ଷ ୮୨ହଜାର କ୍ୱିଣ୍ଟାଲ ଖରିଫ ଧାନ ସଂଗ୍ରହର ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି। ଜିଲ୍ଲାର ୮୩ ହଜାର ୮୭୬ ପଞ୍ଜିକୃତ ଚାଷୀ ଥିବା ବେଳେ ଧାନକିଣାରେ ୧୦୧ଟି ପ୍ୟାକ୍ସ ବା ସମବାୟ ସମିତି ୫୮ ମହିଳା ଗୋଷ୍ଠୀ ନିୟୋଜିତ ହୋଇଥିବା ବେଳେ ୪୫ଜଣ ମିଲର୍ସ ଧାନ କିଣା କାର୍ଯ୍ୟରେ ସାମିଲ ହୋଇଛନ୍ତି। ଏହି ୪୫ ମିଲର୍ସଙ୍କ ମଧ୍ୟରେ ଭଦ୍ରକ ଜିଲ୍ଲାର ୨୦ଜଣ ଓ ୨୫ଜଣ ମିଲର୍ସ ଜିଲ୍ଲା ବାହାର ର ବୋଲି ଯୋଗାଣ ବିଭାଗ ସୂଚନା ଦେଇଛି।

**● ସ୍ଥାନୀୟ ମିଲର ୧୨, ୧୬, ୯୦୪ କ୍ୱିଣ୍ଟାଲ ଓ ବାହାର ମିଲର ୨, ୭୩, ୯୯୩ କ୍ୱିଣ୍ଟାଲ ନେଲେଣି**

# କଲ୍ୟାଣୀ ଉଚ୍ଚ ବିଦ୍ୟାଳୟର ପ୍ରତିଭା ଅନ୍ୱେଷଣ ଉତ୍ସବ

**ଧାମନଗର, ୧୦।୨(ସମିସ):** ଧାମନଗର ବ୍ଲକ କଲ୍ୟାଣୀ ଉଚ୍ଚ ବିଦ୍ୟାଳୟ ପରିସରରେ ୨ୟ ବାର୍ଷିକ ପ୍ରତିଭା ଅନ୍ୱେଷଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ଅକ୍ଷୟ କୁମାର ଯେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଭଦ୍ରକ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ମୁଖ୍ୟବକ୍ତା ଭାବେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଜିଲ୍ଲା ସଂଯୋଜକ ଡାକ୍ତର ସଞ୍ଜୟ ଦାସ, ସ୍ୱତନ୍ତ୍ର ସମ୍ମାନିତ ଅତିଥି ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ ସମ୍ମାନ ପ୍ରାପ୍ତ ଗୁରୁଶ୍ରୀ ସୁବାସ ଚନ୍ଦ୍ର ମଲ୍ଲିକ, ଅସୁରାଳି ଜିଲ୍ଲା ପରିଷଦ ସଦସ୍ୟ ସାରଦାପ୍ରସନ୍ନ ସାହୁ, ସମ୍ମାନିତ ଅତିଥି ଭାବରେ ନାୟବ ସରପଞ୍ଚ ଭାନୁମତୀ ଓଝା, କଲ୍ୟାଣୀ ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ ଭାଗୀରଥି ସାହୁ, ସମାଜସେବୀ ମାୟାଧର ପଣ୍ଡା, ଅନୀଲ କୁମାର ଜେନା, ଦାମୋଦର ମଲ୍ଲିକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାଗୀରଥି ଯେନା, ଶିକ୍ଷକ ପ୍ରଭାତ ମହାନ୍ତି, ରଞ୍ଜନ ସେଠୀ ପ୍ରମୁଖ ଯୋଗଦାନ କରିଥିଲେ। ଅତିଥି ମାନଙ୍କୁ ମଞ୍ଚ ଆହ୍ୱାନ ଓ ପରିଚୟ ପ୍ରଦାନ କରିଥିଲେ ପୂଜ୍ୟପୂଜା ସଂସଦ ସଂପାଦକ ଅଜୟ ସାମଲ। ବିଭିନ୍ନ ପ୍ରକାରର କ୍ରୀଡା ପ୍ରତିଯୋଗିତାକୁ ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ରାଉତ, ଖେଳ ଶିକ୍ଷକ ଚନ୍ଦନ ଉପାଧ୍ୟାୟ, ଉପେନ୍ଦ୍ର ବେହେରା ପ୍ରମୁଖ ପରିଚାଳନା କରିଥିବା ବେଳେ ନୃତ୍ୟ ସଂଗୀତ ଓ ସଚେତନତା ମୂଳକ ନାଟକ ପ୍ରତିଯୋଗିତା ଗୁଡିକ ପରିଚାଳନା କରିଥିଲେ ଶୁଭ୍ରାଂସୁ ଶେଖର ମହାପାତ୍ର, ରଞ୍ଜନ ମହାପାତ୍ର, ଲକ୍ଷ୍ମୀକାନ୍ତ ଜେନା, ରଞ୍ଜନ ଜେନା ପ୍ରମୁଖ ବିଭିନ୍ନ ପ୍ରତିଯୋଗିତା ଉତ୍ସବରେ ଗୁଡିକର ବିଚାରକ ଭାବରେ ଅନନ୍ତ ଦଳାଇ, ଉମାକାନ୍ତ ଯେନା, ଶଚ୍ଚିକାନ୍ତ ପଣ୍ଡା, ରମାକାନ୍ତ ସୂତାର ଓ ସୁବାସ ଚନ୍ଦ୍ର ମଲ୍ଲିକ ପ୍ରମୁଖ କାର୍ଯ୍ୟ ତୁଲାଇଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ସମାଜସେବୀ ଚନ୍ଦ୍ରମଣି ବେହେରା।



### ନରସିଂହ ଚୌଧୁରୀ ମହାବିଦ୍ୟାଳୟରେ ବିରଜା ବକ୍ତୃତାମାଳା ପ୍ରତିଯୋଗିତା

# ‘ସଂସ୍କୃତି ଓ ସାହିତ୍ୟ କ୍ଷେତ୍ରରେ ବିରଜାକ୍ଷେତ୍ର ଗୌରବାଜ୍ଜ୍ୱଳ’

ଯାଜପୁର, ୧୦।୨(ସମିସ): ଯାଜପୁର ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ୫୦ତମ ବିରଜା ବକ୍ତୃତାମାଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ବିଷ୍ଣୁଚରଣ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଡଃ ଅଶୋକ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ଶିକ୍ଷାର ସମସ୍ୟା ଓ ତା’ର ସମାଧାନ ଦିଗରେ ଛାତ୍ରଛାତ୍ରୀଙ୍କ କର୍ତ୍ତବ୍ୟ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ପ୍ରଫେସର ମନ୍ମଥ କୁମାର ମାଝୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିରଜା ବକ୍ତୃତାମାଳାର ଉପସଭାପତି ଅଶୋକ କୁମାର ଦାସ ଓ ପ୍ରଫେସର ବିଷ୍ଣୁଚରଣ ଦାସ ବକ୍ତୃତାମାଳାର ୫୦ ବର୍ଷର ଇତିହାସ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ବିରଜା ସଂସ୍କୃତିର ବିଶେଷ ଗବେଷକ ଡଃ ଜ୍ଞାନରଞ୍ଜନ ପତି ଭାରତର ପ୍ରାଚୀନତମ ଶାକ୍ତଦେବୀ ଶ୍ରୀବିରଜାଙ୍କ ଐତିହ୍ୟ, ଆବିର୍ଭାବ, ମୂର୍ତ୍ତି ତତ୍ତ୍ୱ, ଉପାସନା ବୈଶିଷ୍ଟ୍ୟ ଓ ବିରଜାଙ୍କୁ ଆଧାର କରି ଯାଜପୁରର ସାଂସ୍କୃତିକ ଓ ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ। ଯାଜପୁରର ମୁକୁଟମଣି ମା’ବିରଜାଙ୍କ ପାଇଁ ସ୍ମରଣାତୀତ କାଳରୁ ଧର୍ମ, ସଂସ୍କୃତି, ରାଜନୀତି, କଳାକାର୍ତ୍ତି ଓ ସାହିତ୍ୟ କ୍ଷେତ୍ରରେ ବିରଜାକ୍ଷେତ୍ର ଯାଜପୁର ଏକ ଭବ୍ୟ ଗୌରାବାଜ୍ଜ୍ୱଳ ପରମ୍ପରା ବହନ କରିଛି। ଏହି ମହତ ସାଂସ୍କୃତିକ ପରମ୍ପରାକୁ ପ୍ରତ୍ୟେକ ଯାଜପୁରବାସୀ ଉଜ୍ଜୀବିତ କରି ରଖିବାକୁ ଆହ୍ୱାନ ଦେଇଥିଲେ।



ସମ୍ମାନିତ ଅତିଥି ପ୍ରଫେସର ଡଃ ସୁଶାନ୍ତ କୁମାର ଦାସ ଧର୍ମ ଓ ସଂସ୍କୃତିରେ ବିରଜାଙ୍କ ଅନନ୍ୟ ଅବଦାନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଶେଷରେ ପ୍ରଫେସର ଡଃ ଶ୍ରଦ୍ଧାଞ୍ଜଳି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏ ଅବସରରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ମହାବିଦ୍ୟାଳୟର ପ୍ରଫେସର ଡଃ ଦିବ୍ୟଲୋଚନ ସିଂ ପରିଚାଳନାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବୁଦ୍ଧିଜୀବୀ, ସଂସ୍କୃତିପ୍ରେମୀ ସାମିଲ ହୋଇଥିଲେ।

## ଓଡ଼ିଶା ମାନବ ଅଧିକାର ମଞ୍ଚର ସାମ୍ବିଧାନିକ ନ୍ୟାୟ ଯାତ୍ରା

ବାଲିଚନ୍ଦ୍ରପୁର, ୧୦।୨(ସମିସ): ଓଡ଼ିଶା ମାନବ ଅଧିକାର ମଞ୍ଚ ପକ୍ଷରୁ ଗତ ୧ ତାରିଖରେ ଯାଜପୁର ସଂସ୍କୃତି ଭବନ ପରିଷଦରୁ ଆରମ୍ଭ ହୋଇଥିବା ସାମ୍ବିଧାନିକ ନ୍ୟାୟ ଯାତ୍ରା ଯାଜପୁର ଜିଲ୍ଲାର ସମସ୍ତ ବ୍ଲକ, ଭଦ୍ରକ, କେନ୍ଦ୍ରାପଡ଼ା ଜିଲ୍ଲା ଦେଇ କଟକ ଓ ଶେଷରେ ଭୁବନେଶ୍ୱର ଦେଇ ଆଜି ବଡଚଣା ବ୍ଲକ ପତରାଜପୁର ପଞ୍ଚାୟତରେ ଉଦ୍‌ଯାପିତ ହୋଇଛି। ଏହି ଉତ୍ସବକୁ ମାନବ ଅଧିକାର ମଞ୍ଚ ସଭାପତି ମାଗୁଣି ଜେନା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ପ୍ରଦେଶ କଂଗ୍ରେସ ସମ୍ପାଦକ ତଥା ବଡଚଣା କଂଗ୍ରେସ ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ର ଯୋଗଦେଇ ସମସ୍ତ ଅନୁସୂଚିତ ଜାତି ବହୁ ଜନଜାତି ପରିବାରଙ୍କୁ ବାସଗୃହ ଅଗ୍ରାଧିକାର, ଭୂମିହୀନଙ୍କୁ ଜମି ଓ ଘରଡିହ ପଟ୍ଟା ସମୟ ସୀମା ମଧ୍ୟରେ ବଣ୍ଟନ, ପଛୁଆବର୍ଗଙ୍କୁ ୨୭ ଭାଗ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣ, ଗ୍ରାମାଞ୍ଚଳରେ ଦଳିତ ସାହିକୁ ସର୍ବନିମ୍ନ ମୌଳିକ ସୁବଧା, ପକ୍କା ରାସ୍ତା, ପିଇବା ପାଇଁ ପାଣି, ବିଜୁଳି ଆଲୁଅ ଯୋଗାଇ ଦେବାକୁ ସରକାରଙ୍କ ଦାବି ରଖିଥିଲେ। ସମ୍ମାନିତ ଅତିଥି ଭାବେ ପତରାଜପୁର ପଞ୍ଚାୟତର ସମିତିସଭ୍ୟ କୁଳମଣି ବାରିକ, ଓଡ଼ିଶା ସ୍ୱରାଜ ଅଭିଯାନର ଆବାହକ ସୁଧାଂଶୁ ଦେଓ, ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ବିଶ୍ୱାଳ ଓ ଶବର ସମାଜର ଆଦିବାସୀ ନେତା ପ୍ରାଣକୃଷ୍ଣ ଦେଉରୀ ଯୋଗଦେଇ ସାମ୍ବିଧାନିକ ଆଇନ ବ୍ୟବସ୍ଥା ଉପରେ ମତ ଦେଇଥିଲେ।



ଏହି ସଭାରେ ଜିଲ୍ଲା ସଂଖ୍ୟାଲଘୁ ସେଲ୍ଫ ଅଧ୍ୟକ୍ଷ ସୁଲତାନ ସଇଫୁଲ୍ଲା ଖାଁ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ସଞ୍ଜୀବ ସାମଲ, ଜିଲ୍ଲା ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସତ୍ୟବ୍ରତ ସାମଲ, ବ୍ଲକ ଯୁବ କଂଗ୍ରେସ ସଭାପତି ଜୟପ୍ରକାଶ ବିଶ୍ୱାଳ, ବ୍ଲକ ଛାତ୍ର କଂଗ୍ରେସ ସଭାପତି କମରୁଜ୍ ଖାଁ, ଯୁବନେତା ଚର୍ଚ୍ଚିତ ମହାଲା, ୧୮ ନଂ ଜୋନ୍ ସଭାପତି ବିଚିତ୍ରା ନନ୍ଦ ନାୟକ, ତପନ ବରାଳ, ସମାଜସେବୀ ନାରାୟଣ ଚନ୍ଦ୍ର ଦାସ, ଶ୍ୟାମସୁନ୍ଦର ଦାସ, ଶତ୍ରୁଘ୍ନ ମଲ୍ଲିକ, ଗୁରୁଚରଣ ନାୟକ, ସେକ୍ ଲ୍ୟାକତ, ସେକ୍ ରାଜା, କାଳନ୍ଦୀ ଘଡ଼ାଇ, ପ୍ରଫୁଲ୍ଲ ବେହେରା, ନୃସିଂହ ମଲ୍ଲିକ, ହଳଧର ମଲ୍ଲିକ ପ୍ରମୁଖ ସାମିଲ ଥିଲେ।

## ଅଗ୍ନିକାଣ୍ଡରେ ଗୋଟିଏ ପରିବାର ସର୍ବସ୍ୱାନ୍ତ



ସୁକିନ୍ଦା, ୧୦।୨(ସମିସ): ସୁକିନ୍ଦା ତହସିଲ ଅନ୍ତର୍ଗତ ଖରଡ଼ି ପଞ୍ଚାୟତ ଅଧୀନ ତାମରା ଗ୍ରାମରେ ଶନିବାର ପୂର୍ବାହ୍ନରେ ଅଗ୍ନିକାଣ୍ଡ ଘଟି ଗୋଟିଏ ପରିବାରର ତିନି ବଖରା ଘର ସହ ସମସ୍ତ ଜିନିଷପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ତାମରା ଗ୍ରାମର ରାଧୁ ମୁଣ୍ଡା (୩୦)ଙ୍କ ଘର ପାର୍ଶ୍ୱରେ ଥିବା ଦୁଇଟି କୁଟା ଗଦାରେ ହଠାତ୍ ନିଆଁ ଲାଗିଯାଇଥିଲା। ପରେ ସେହି ନିଆଁ ତାଙ୍କ ରହିବା ଘରକୁ ଲାଗିଥିଲା। ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିବାରେ ବିଫଳ ହେବାରୁ ସୁକିନ୍ଦା ଦମକଳ ବାହିନୀକୁ ସୂଚନା ଦେଇଥିଲେ। ସୁକିନ୍ଦା ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବା ବେଳକୁ ତିନି ବଖରା ଘର ସହିତ ଘରେ ଥିବା ଧାନ, ଚାଉଳ, ଲୁଗାପଟା ଓ ସମସ୍ତ ଜିନିଷପତ୍ର ପୋଡ଼ି ପାଉଁଶ ହୋଇଯାଇଥିଲା। ଦୁଇଟି ପାଳ ଗଦା ଜଳି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି। ଯୁବ ସମାଜସେବୀ ସୁରେଶ ସାହୁ ସୂଚନା ପାଇ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହିତ ଅସହାୟ ରାଧୁ ମୁଣ୍ଡାଙ୍କୁ ସରକାରୀ ସହାୟତା ଯୋଗାଇଦେବା ନିମନ୍ତେ ସୁକିନ୍ଦା ତହସିଲ ଓ ବ୍ଲକ କର୍ମଚାରୀଙ୍କ ସହିତ ଆଲୋଚନା କରିଥିବା ଜଣାପଡ଼ିଛି।

## ‘ନୂଆ-ଓ’ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

କୋରେଇ, ୧୦।୨(ସମିସ): କୋରେଇ ବ୍ଲକ ଅନ୍ତର୍ଗତ ବୈତରଣୀରୋଡସ୍ଥ ପ୍ରାଣକୃଷ୍ଣ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ‘ନୂଆ-ଓ’ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। କଲେଜ ଅଧ୍ୟକ୍ଷ ସତ୍ୟନାରାୟଣ ଖଣ୍ଡାଇଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ କଲେଜ ସଭାପତି ଶିବ ଚରଣ ମାଝୀ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଅଭିଭାଷଣ ପ୍ରଦାନ କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ମନ୍ମଥ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପିକା ଅହଲ୍ୟା ଜେନା ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ଅରୁଣ କୁମାର ପଣ୍ଡା, ଅଜିତ ପ୍ରସାଦ ସାହୁ, ନିହାର ରଞ୍ଜନ ନାୟକ, ମନୋଜ କୁମାର ସାହୁ, ଦେବଦତ୍ତ ମିଶ୍ର, ଅର୍ଜୁନ ଚରଣ ସାହୁ, ଦିଲ୍ଲୀପ କୁମାର ବୋଇତାଇ, ପୂର୍ଣ୍ଣଚନ୍ଦ୍ର ଜେନା, ନିରଞ୍ଜନ ସାହୁ, ଶିଶିର କୁମାର ରାଉତରାୟ, ଉମେଶ



ଚନ୍ଦ୍ର ସାହୁ, ଅଧ୍ୟାପିକା ବିଦ୍ୟାଦାତ୍ରୀ ଦାସ, ଲୋପାମୁଦ୍ରା ବେହେରା, ପ୍ରୀତିପର୍ଣ୍ଣା ମହାପାତ୍ର, ଶଶିକଳା ବିଶ୍ୱାଳ ଓ କର୍ମଚାରୀ ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜେନାପୁର କଲେଜରେ ବାଳିକା ଆତ୍ମରକ୍ଷା ଶିବିର ଉଦ୍‌ଯାପିତ

କବାଟବନ୍ଧ, ୧୦।୨ (ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ବାଳିକା ଆତ୍ମରକ୍ଷା ଶିବିର ଉଦଯାପିତ ହୋଇଯାଇଛି। +୨ କଲେଜ ଅଧ୍ୟକ୍ଷ ରବୀନ୍ଦ୍ର କୁମାର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଜେନାପୁର ଡିଗ୍ରୀ କଲେଜ ଅଧ୍ୟକ୍ଷ ଚିତ୍ତରଞ୍ଜନ ନାୟକ ଯୋଗ ଦେଇଥିଲେ। ଛାତ୍ରୀମାନେ ଶିକ୍ଷାଲାଭ କରିଥିବା କୌଶଳକୁ କିପରି କାର୍ଯ୍ୟରେ ଲଗାଇ ନିଜକୁ ସୁରକ୍ଷିତ ରଖିବେ ତାହା ଆଲୋକପାତ କରିଥିଲେ। ସଭା ପ୍ରାରମ୍ଭରେ ଅଧ୍ୟାପକ ରତ୍ନାକର ନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ କିଶୋର କୁମାର ମିଶ୍ର, ସୌରେନ୍ଦ୍ର କୁମାର ପଣ୍ଡା, ଅଶୋକ କୁମାର ବରାଳ, ଡକ୍ଟର ସୁରେଶ ଚନ୍ଦ୍ର ଦ୍ୱିବେଦୀ, ରାଜକିଶୋର ଚୌଧୁରୀ, ଅଧ୍ୟାପିକା ଚିନ୍ମୟୀ ନାୟକ, ମୋନାଲିସା ସାହୁ, ଗୌରାଙ୍ଗ ଚରଣ ସାହୁ, କ୍ଷେତ୍ରବାସୀ ସେଠୀ, ସନ୍ତୋଷ କୁମାର ଦାସ, ଅଜୟ କୁମାର ସାହୁ, ସୁଶାନ୍ତ କୁମାର ସାହୁ, ପ୍ରତାପ ଚନ୍ଦ୍ର ମହାନ୍ତି, ଫକୀର ଚରଣ ମଲ୍ଲିକ, ଅଜୟ କୁମାର ସାହୁ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଅଭିରାମ ପାତ୍ରଙ୍କ ସମେତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ପ୍ରଶିକ୍ଷିକା ଭାବେ ଜ୍ୟୋତ୍ସ୍ନା ନନ୍ଦ, କାର୍ଯ୍ୟକ୍ରମ ସଂଯୋଜକ ଭାବେ ଅଧ୍ୟାପକ ରିତେଶ କୁମାର ବେହେରା ଶିବିର ପରିଚାଳନା କରିଥିଲେ। ଅଧ୍ୟାପକ ସୌରେନ୍ଦ୍ର କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



## ଗହ୍ଳାରିଆ ବାଲିଘାଟରେ ଯୁବକକୁ ଆକ୍ରମଣ ଅଭିଯୋଗ

କୋରେଇ, ୧୦।୨(ସମିସ): ଯାଜପୁର ଜିଲ୍ଲା କୋରେଇ ବ୍ଲକ ଅର୍ନ୍ତଗତ ବନ୍ଧାଳ ପଞ୍ଚାୟତର ଗହ୍ଳାରିଆ ବାଲିଘାଟରେ ଯୁବକକୁ ମରଣାନ୍ତକ ଆକ୍ରମଣ ହୋଇଛି। ଆକ୍ରମଣର ଶିକାର ହୋଇଥିବା ଯୁବକ ଜଣକ ହେଲେ କୋରେଇ ଥାନା ଅର୍ନ୍ତଗତ ଦୁଲଖାପାଟଣା ଗ୍ରାମର ନୂର ଯେନାଙ୍କ ପୁଅ ଅମର ଯେନା(୩୫)। ଏ ନେଇ କୋରେଇ ଥାନାରେ ଅଭିଯୋଗ ହୋଇଛି।



ଅମର ବାଲିଘାଟରେ କାମ କରୁଥିବାବେଳେ ହଠାତ ପାଣିକୋଇଲି ଥାନା ଅର୍ନ୍ତଗତ ବ୍ରଜନଗର ଗ୍ରାମର ସୌମ୍ୟ ଧଳଙ୍କ ଗାଡିରେ ଗହ୍ଳାରିଆ ଗ୍ରାମର ବିଷ୍ଣୁ ଚରଣ ରଥ ଓ ବଳରାମ ରଥ ଆସି ଅମରଙ୍କୁ ଆକ୍ରମଣ କରିଥିଲେ। ଅମର ଗୁରୁତର ଆଘାତ ହୋଇ ଅଚେତ ହୋଇପଡ଼ିଥିଲେ। ସ୍ଥାନୀୟ ଲୋକ ଅମରଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲେ। ଆକ୍ରମଣର ପ୍ରକୃତ କାରଣ ଜଣାପଡ଼ି ନ ଥିଲେ ମଧ୍ୟ ବାଲିଘାଟକୁ ନେଇ ଏ ଘଟଣା ଘଟିଥିବା ସ୍ଥାନୀୟ ଲୋକେ କୁହନ୍ତି। ଏ ନେଇ ଅମର ସହିତ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଆକ୍ରମଣ କାରଣ ବିଷୟରେ ସେ କିଛି ଜାଣି ନ ଥିବା କହିଥିଲେ। ସେହିପରି ସରପଞ୍ଚ ଶ୍ରୀ ରଥଙ୍କୁ ଏ ବିଷୟରେ ଯୋଗାଯୋଗ କରିବାରୁ ସେ ମିଟିଂରେ ଅଛନ୍ତି। ପରେ କଥା ହେବା କହି ଫୋନ କାଟି ଦେଇଥିବାବେଳେ କୋରେଇ ପୁଲିସ ଫୋନ ଉଠାଇ ନ ଥିଲେ।

## ବ୍ଲକସ୍ତରୀୟ ପ୍ରଧାନ ଶିକ୍ଷକ ବୈଠକ

ବ୍ରହ୍ମବରଦା, ୧୦।୨(ସମିସ): ରସୁଲପୁର ବ୍ଲକ ଅର୍ନ୍ତଗତ ବ୍ରହ୍ମବରଦା ହାଜିରହିମିଆଁ ହାଇସ୍କୁଲରେ ବ୍ଲକର ୪୦ଟି ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ନେଇ ପଞ୍ଚମ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ରସୁଲପୁର ବ୍ଲକ ମଣ୍ଡଳ ଶିକ୍ଷାଧିକାରୀ ନୀଳାମ୍ବର ମିଶ୍ର ସଭାପତି ଭାବେ



ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ମୋ ସ୍କୁଲର ଜିଲ୍ଲା ସଂଯୋଜକ ରାଜେନ୍ଦ୍ର କୁମାର ଶତପଥୀ, ଯାଜପୁର ଜିଲ୍ଲା ଓଷ୍ଟା ସଂଘ ସଭାପତି ସୁନଳ କୁମାର ରାଉତ (ପ୍ରଧାନ ଶିକ୍ଷକ ଖଣ୍ଡିତର ଉଚ୍ଚବିଦ୍ୟାଳୟ), ନିରଞ୍ଜନ ସାମଲ (ନୋଡାଲ ପ୍ରଧାନ ଶିକ୍ଷକ ରସୁଲପୁର ବ୍ଲକ), ଶ୍ରୀବତ୍ସ କୁମାର ସାହୁ (ସିଆରସିସି, ବନ୍ଧଡିହ କ୍ଲଷ୍ଟର), ପ୍ରକାଶ କୁମାର ପଣ୍ଡା ଓ ବିଷ୍ଣୁଚରଣ ସାହୁ (ବ୍ଲକ ସଂଯୋଜକ ମୋ ସ୍କୁଲ) ଯୋଗଦେଇ ଉପସ୍ଥିତ ପ୍ରଧାନ ଶିକ୍ଷକଙ୍କୁ ଚଳିତ ବର୍ଷର ମ୍ୟାଟ୍ରିକ୍ ପରୀକ୍ଷା ପ୍ରସ୍ତୁତି ଓ ସ୍ୱତନ୍ତ୍ର ପଦକ୍ଷେପ, ପରୀକ୍ଷା କେନ୍ଦ୍ର ପ୍ରସ୍ତୁତି, ବିଦ୍ୟାଳୟରେ ନବମ ଶ୍ରେଣୀ ଅର୍ଦ୍ଧବାର୍ଷିକ ପରୀକ୍ଷାରେ ଅନୁପସ୍ଥିତ ଥିବା ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବା, ଛାତ୍ରଛାତ୍ରୀଙ୍କୁ ବାର୍ଷିକ ହାଇସ୍କୁଲ ପରୀକ୍ଷାରେ ଶତପ୍ରତିଶତ ଉପସ୍ଥାନ କରାଇବା, ଏସଆଇଓଏସର ଶ୍ରେଣୀ ପରିଚାଳନା ସମ୍ବନ୍ଧରେ ଅବଗତ କରାଇଥିଲେ।

ବ୍ଲକର ୪୦ଟି ଉଚ୍ଚବିଦ୍ୟାଳୟରୁ ଆସିଥିବା ପ୍ରଧାନ ଶିକ୍ଷକ ହାଜିରହିମିଆଁ ସରକାରୀ ଉଚ୍ଚ ବିଦ୍ୟାଳୟର ସ୍ମାର୍ଟ କ୍ଲାସରୁମ, ଇ-ଲାଇବ୍ରେରୀ, ବିଜ୍ଞାନାଗାର, ଆଇସିଟି ଲ୍ୟାବ, ସ୍ମାର୍ଟ ଟଏଲେଟର ସ୍ୱଚ୍ଛତା ପରିଦର୍ଶନ ସହ ବିଦ୍ୟାଳୟର ୪ଟି କ୍ଲବର କ୍ରିଏଟିଭ ବୋର୍ଡ଼ ଓ ସାହିତ୍ୟ ସୃଜନୀ, ଫଟୋ କହେ ଆମ କଥା, ଖବରରେ ଆମେ, ଆମ ସଫଳତାର କାହାଣୀ ବୋର୍ଡ଼କୁ ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କୁ ଉଚ୍ଚପ୍ରଶଂସା କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ ସହ ବିଦ୍ୟାଳୟକୁ ବିଭିନ୍ନ ଢ଼ଙ୍ଗରେ ରଙ୍ଗୋଲି କରି ସୁସଜ୍ଜିତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋରଞ୍ଜନ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସଭା ଶେଷରେ ସମୀର କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ମମତା ମହାନ୍ତି, ସିମନ୍ତନୀ ଜେନା, ଶକ୍ତିଶ୍ରୀ ପ୍ରିୟବାଦିନୀ, ଲକ୍ଷ୍ମୀପ୍ରିୟା ନାୟକ, ମମତା ମହାଳିକ, ଶୁଭଶ୍ରୀ ସାହୁ, ମଧୁସ୍ମିତା ଦାସ, ଗୀତା ସାହୁ, ସ୍ୱସ୍ତିକା ସାହୁ, ଶିକ୍ଷକ ମିତ୍ରଭାନୁ ନାୟକ, ମାନସ ମଲ୍ଲିକ, ଅରୁଣ କୁମାର ଜେନା, ଏମଡ଼ି ଖାନ, ଏମଡ଼ି ଉମେଦ ହୁସେନ, ଅଫିସ ସହାୟକ ସନ୍ତୋଷ ପାଢ଼ୀ, କେଦାର ରାଉତ, ମନୁ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ସ୍କୁଲରେ ନିମ୍ନମାନର ମରାମତି କାର୍ଯ୍ୟକୁ ଗ୍ରାମବାସୀଙ୍କ ବିରୋଧ

ହାତୀବାରି, ୧୦।୨ (ସମିସ): ହାତୀବାରି ନୋଡାଲ ହାଇସ୍କୁଲରେ ନିର୍ମାଣଧୀନ କାର୍ଯ୍ୟ ଅତି ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ତିଆରି ହୋଇଥିବା ସାଇକଲ ଷ୍ଟାଣ୍ଡଟି ସ୍କୁଲରେ ଆଗରୁ ଥିବା ପାଚେରିରେ ଟିଣ ଚାଦର ଆଠ ଫୁଟର ପକାଇ ଷ୍ଟାଣ୍ଡ ତିଆରି ହୋଇଛି। ଯାହାକି ସାଇକଲ ରଖିଲେ ପଛପଟରେ ବର୍ଷା ପାଣି ପଡ଼ିବ। ମୁଖ୍ୟ ଫାଟକଟି ଏକ ଜେଲ୍‌ର ଫାଟକ ଭଳି ଦିଶୁଥିବା ସ୍ଥଳେ ସମ୍ପୂର୍ଣ୍ଣ ହେବା ଆଗରୁ ଗଳି ପଡ଼ିଲାଣି। ଗ୍ରାମର ଯୁବକ ଏହାକୁ ବିରୋଧ କରିଛନ୍ତି।

## ଦ୍ୱିତୀୟ ଦିନରେ ନୀଳାଚଳ ବାସଚ୍ୟୁତ ପରିବାରଙ୍କ ଧାରଣା

ଦାନଗଦି/ସୁକିନ୍ଦା, ୧୦।୨(ସମିସ): ବିଭିନ୍ନ ଦାବିକୁ ନେଇ ନୀଳାଚଳ ବାସଚ୍ୟୁତ ପରିବାର ପକ୍ଷରୁ କାରଖାନା ମୁଖ୍ୟ ଫାଟକ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦୁଇ ଦିନ ହେବ ଜାରି ରହିଛି। ନୀଳାଚଳ ବାସଚ୍ୟୁତ ପରିବାର ଓ କର୍ମଚାରୀଙ୍କ ମୃତ୍ୟୁ ପରେ ତାଙ୍କ ପରିବାରର ଉତ୍ତରାଧିକାରୀଙ୍କୁ କାରଖାନାରେ ସ୍ଥାୟୀ ନିଯୁକ୍ତି ଦେବାକୁ ମୁଖ୍ୟତଃ ସେମାନେ ଦାବି ରଖିଛନ୍ତି। ଗତକାଲିଠାରୁ ବାସଚ୍ୟୁତ ପରିବାରର ଲୋକେ ଶୀତ କାକରରେ କାରଖାନା ମୁଖ୍ୟ ଫାଟକ ସମ୍ମୁଖରେ ବସି ରହିଛନ୍ତି। ଆଜି ମଧ୍ୟ ସେହିଭଳି ଧାରଣା ଜାରି ରହିଛି। ହେଲେ ପ୍ରଶାସନ ପକ୍ଷରୁ କେହିବି ସେମାନଙ୍କ ନିକଟରେ ପହଞ୍ଚିନାହାନ୍ତି। ସେମାନଙ୍କ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ବାସଚ୍ୟୁତ ପରିବାର ଲୋକେ କହିଛନ୍ତି।

## ଫତେପୁର ପ୍ରିମିୟର ଲିଗ୍ କ୍ରିକେଟ୍ ଉଦ୍‌ଘାଟିତ

ପ୍ରୀତିପୁର, ୧୦।୨(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ମଲିଆ ଯଜ୍ଞ ପଡ଼ିଆରେ ଆଜି ଫତେପୁର ପ୍ରିମିୟର ଲିଗ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟକୁ ଫତେପୁର ପଞ୍ଚାୟତର ବିଶିଷ୍ଟ ସମାଜସେବୀ ରବୀନ୍ଦ୍ର ପଣ୍ଡା ଓ ଯୁବ ସମାଜସେବୀ ପ୍ରେମାନନ୍ଦ ସାହୁ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ୭ଟି ଦଳ ଅଂଶଗ୍ରହଣ କରିଛନ୍ତି। ଖେଳକୁ ଫତେପୁର ପ୍ରିମିୟର ଲିଗ୍‌ର ସମସ୍ୟ ପରିଚାଳନା କରୁଛନ୍ତି।

### ଅଲ୍ ଓଡ଼ିଶା ଇଜତେମା ଆରମ୍ଭ

## ୧୦ ହଜାରରୁ ଊର୍ଦ୍ଧ୍ୱ ପ୍ରତିନିଧି ସାମିଲ

ଝିଂଝାରପୁର, ୧୦।୨ (ସମିସ): ଅଲ୍ ଇଣ୍ଡିଆ ତବଲିଗ୍ ଜମାତ ଆନୁକୂଲ୍ୟରେ ଝିଂଝାରପୁର ବ୍ଲକ ସୟଦପୁରଠାରେ ଆଜିଠାରୁ ସଂଖ୍ୟାଲଘୁ ସମ୍ପ୍ରଦାୟର ଅଲ୍ ଓଡ଼ିଶା ଇଜତେମା ଆରମ୍ଭ ହୋଇଛି। ୩ ଦିନବ୍ୟାପୀ ହେବାକୁ ଥିବା ଇଜତେମାର ପ୍ରଥମ ଦିନରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ଆଜି ସକାଳୁ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରୁ ବିଶିଷ୍ଟ ମୌଲାନାଙ୍କ ସମେତ ଶ୍ରଦ୍ଧାଳୁ ଇଜତମା ପଡ଼ିଆରେ ପହଞ୍ଚିଥିଲେ। ତବଲିଗ୍ ଜମାତର ବିଶିଷ୍ଟ ମୌଲାନାଙ୍କ ଦ୍ୱାରା କୁରାନ୍ ପାଠ ସମେତ ଆଲ୍ଲାଙ୍କ ବାଣୀ ବର୍ଣ୍ଣନା କରାଯାଇଛି। ଆଇଆଇସି ଅଂଶୁମାଳା ଦାସଙ୍କ ନେତୃତ୍ୱରେ ପୁଲିସ ଅଧିକାରୀ ଓ ଫୋର୍ସ ଇଜତମା ପଡ଼ିଆରେ ଶାନ୍ତିଶୃଙ୍ଖଳା ନିୟନ୍ତ୍ରଣ କରୁଛନ୍ତି। ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲା ପୁଲିସ ପକ୍ଷରୁ ଜଣେ ଅତିରିକ୍ତ ଏସପି, ଜଣେ ଏସଡିପିଓ, ୩୦ ଜଣ ଇନ୍ସପେକ୍ଟର ଓ ସବଇନ୍ସକ୍ଟର, ୧୦ ଜଣ ଏଏସଆଇଙ୍କ ସମେତ ୮ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ତହସିଲ ଓ ବ୍ଲକ ପ୍ରଶାସନ ପକ୍ଷରୁ ମଧ୍ୟ ଶ୍ରଦ୍ଧାଳୁଙ୍କ ପାଇଁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଛି। ଟ୍ରାଫିକ ନିୟନ୍ତ୍ରଣ ପାଇଁ ବିଭିନ୍ନ ସ୍ଥାନରେ ପୁଲିସ କର୍ମଚାରୀ ନିୟୋଜିତ ହୋଇଛନ୍ତି। ବ୍ଲକର ଝିଂଝାରପୁର, ସୟଦପୁର ଓ ଶାସନ୍ଦା ପଞ୍ଚାୟତର ଶତାଧିକ ଯୁବକ ସୁରକ୍ଷା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି।



### ଅଶୋକ ଦାସ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

## କ୍ଲବ୍ ୪୭, ନେତାଜୀ କ୍ଲବ୍, ଡିଏଫଏ ଓ ଭାଗାମୁଣ୍ଡା ସେମିକୁ ଉନ୍ନୀତ

ଦଶରଥପୁର, ୧୦।୨:(ସମିସ): ଦଶରଥପୁର ବ୍ଲକ ଚିତାଲୋ ପଞ୍ଚାୟତ କୁରୁଳି ଗ୍ରାମ ପଡ଼ିଆରେ ଅଶୋକ ଦାସ ମେମୋରିଆଲ୍ ରାଜ୍ୟସ୍ତରୀୟ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ନବଯୁଗ ଯୁବକ ସଂଘ ପକ୍ଷରୁ ଆୟୋଜିତ ଏହି ଦୁଇଦିନିଆ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟକୁ ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟକେଶରୀ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ୮ଟି ବଛା ବଛା ଫୁଟ୍‌ବଲ କ୍ଲବକୁ ନେଇ ଖେଳାଯାଉଥିବା ଏହି ରାଜ୍ୟସ୍ତରୀୟ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ଦିବସରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ର, ସ୍ଥାନୀୟ ସରପଞ୍ଚ ବିଜୟଲକ୍ଷ୍ମୀ ସାହୁ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଆଦିକନ୍ଦ ସନ୍ଧିବିଗ୍ରହ, ସମିତିସଭ୍ୟ ବିଶ୍ୱଜିତ ରାୟ, ସମବାୟବିତ୍ ଲକ୍ଷ୍ମୀନାରାୟଣ ସୁନ୍ଦରାୟ, ଯୁବ ସମାଜସେବୀ ଅଶୋକ ନାୟକ, ପୂର୍ବତନ ସରପଞ୍ଚ ସୀତାକାନ୍ତ ଶତପଥୀ ପ୍ରମୁଖ ଯୋଗଦେଇ ଫୁଟ୍‌ବଲ ଖେଳ ପ୍ରତି ଯୁବକ ସଂଘର ପ୍ରୟାସକୁ ପ୍ରଶଂସା କରିଥିଲେ।



ପ୍ରଥମ ଦିବସ ଖେଳରେ ମୟୂରଭଞ୍ଜ ଠାକୁରମୁଣ୍ଡାର କ୍ଲବ ୪୭, ନେତାଜୀ କ୍ଲବ କେନ୍ଦ୍ରାପଡ଼ା, ଧର୍ମଶାଳାର ଡିଏଫଏ, କେନ୍ଦୁଝରର ଭାଗାମୁଣ୍ଡା ଫୁଟ୍‌ବଲ କ୍ଲବ ବିଜୟୀ ହୋଇ ସେମିଫାଇନାଲ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଯୁବ ସମାଜସେବୀ ଅଜୟ ରାଉତଙ୍କ ନେତୃତ୍ୱରେ କ୍ଲବର ସୁରେଶ ରାଉତ, ନିହାର ରଞ୍ଜନ ରାୟ, ଅଜିତ ରାଉତ ଓ କୃତ୍ତିବାସ ଜେନାଙ୍କ ସମେତ ସମସ୍ତ ସଭ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ଆବାସ ଯୋଜନାରୁ ବଞ୍ଚିତ ଲକ୍ଷ୍ମୀଧରଙ୍କ ପରିବାର

# ଭଙ୍ଗାଘରେ ବିତୁଛି ୬ ପ୍ରାଣୀଙ୍କ ଜୀବନ

କୟାଁଗୋଲା, ୧୦ା୨(ସମିସ): କୟାଁ ପଞ୍ଚାୟତ ଧରମପୁର ଗ୍ରାମର ୧୫ ନମ୍ବର ୱାର୍ଡ ବାସିନ୍ଦା ଲକ୍ଷ୍ମୀଧର ଦାସ। ତାଙ୍କ ପରିବାରକୁ ଆଜି ପର୍ଯ୍ୟନ୍ତ ସରକାରୀ ଆବାସ ମିଳିନାହିଁ। ବାଧହୋଇ ଭଙ୍ଗା ଘରେ ଜୀବନ ବିତୁଛି। ଏହି ପରିବାରକୁ ଆବାସ ଯୋଗାଇ ଦିଆଯିବାକୁ ଦାବି ହେଉଛି।

ଲକ୍ଷ୍ମୀଧର (୪୦) ମଜୁରି ଲାଗି ପରିବାର ପ୍ରତିପୋଷଣ କରନ୍ତି। ସରକାରୀ ଯୋଜନା କହିଲେ ଖାଦ୍ୟ ସୁରକ୍ଷା ଯୋଜନାରେ କେବଳ ରାସନ କାର୍ଡ ଖଣ୍ଡିଏ ମିଳିଛି। ରାସନ କାର୍ଡ ଓ ମଜୁରିକୁ ଭରସା କରି ପତ୍ନୀ ସବିତା ଦାସ (୩୬), ଦୁଇପୁଅ ସତ୍ୟଜିତ ଦାସ (୧୩), ଶିବ ଦାସ(୮) ଓ ଦୁଇଝିଅ ସ୍ୱପ୍ନାରାଣୀ ଦାସ (୧୭), ବର୍ଷା ଦାସ (୧୫) ପ୍ରମୁଖ ରହିଛନ୍ତି। ଏହି ୬ ପ୍ରାଣୀଙ୍କ ଘର ଖଣ୍ଡିଏ ନ ଥିବାରୁ ଭଙ୍ଗା କୁଡିଆରେ ଦିନ କାଟୁଛନ୍ତି। ଏଭଳି ଅଭାବ ଭିତରେ ପିଲାଙ୍କ ପାଠପଢ଼ା କଥା ସମସ୍ତେ ଭୁଲିଯାଇଛନ୍ତି। ସକାଳ ହେଲେ ପେଟ ଚିନ୍ତାରେ ଏ ଗାଁରୁ ସେ ଗାଁ ବୁଲି ମୂଲ ମଜୁରି ଲାଗିଥା'ନ୍ତି। ଯାହା ପାରିଶ୍ରମିକ



ମିଳେ ସେଥିରେ ଅତି କଷ୍ଟରେ ପରିବାର ଚଳେ।

ଅନ୍ୟପକ୍ଷରେ ଯେତିକି ଚାଉଳ ମିଳୁଛି ତାହା ଏକ ମାସ ଯାଉନାହିଁ। ଏହି ପରିବାର ଉପରେ ଆଜି ଯାଏ ପ୍ରଶାସନର ନଜର ପଡ଼ିନାହିଁ। ଭଙ୍ଗା ଘର, ଜରି ଅଖା ଘେରା କାନ୍ଥ ଭିତରେ ଲକ୍ଷ୍ମୀଧରଙ୍କ ପରିବାର ଦିନ କାଟନ୍ତି। ବନ୍ୟା ସମୟରେ ଘର ଡିହ ବୁଡିଯାଏ। ଘର ଭିତରେ ପାଣି ଲହଡି ମାରେ। ବନ୍ୟା ସମୟରେ ପାଣି ଅପେକ୍ଷା କୁମ୍ଭୀର ଭୟ ଅଧିକ ଥାଏ। ଏପରି ବିପଦସଙ୍କୁଳ ଅବସ୍ଥାରେ ଲକ୍ଷ୍ମୀଧର ଦିନ କାଟୁଥିଲେ ମଧ୍ୟ ସରପଞ୍ଚ କିମ୍ବା ବ୍ଲକ ପ୍ରଶାସନ ତାଙ୍କ ନିକଟରେ ପହଞ୍ଚିପାରିନି। ସରକାରଙ୍କ ପକ୍ଷରୁ ଗରିବଙ୍କୁ ଘର ଯୋଗାଇବା ପାଇଁ ଯୋଜନା କରାଯାଇଥିବାବେଳେ ଲକ୍ଷ୍ମୀଧର ଏଥିରୁ ବାଦ୍ ପଡ଼ିଛନ୍ତି। ଲକ୍ଷ୍ମୀଧରଙ୍କୁ ଆବାସ ଯୋଗାଇ ଦେବାକୁ ଚନ୍ଦ୍ରଶେଖର ଦାସ, ବିକ୍ରମ ଦାସ, ରମାକାନ୍ତ ଦାସ, ବାମଦେବ ବାରିକ ପ୍ରମୁଖ ପ୍ରଶାସନ ନିକଟରେ ଦାବି କରିଛନ୍ତି।

# କର୍ମଯୋଗୀ ଶଶିଭୂଷଣ



ପୂର୍ବ ଯାଜପୁର ଅଞ୍ଚଳରେ ପିଲାଠାରୁ ବୟସ୍କ ସମସ୍ତଙ୍କ ନିକଟରେ ଆଦରର ଶଶିଆନା ଭାବରେ ପରିଚିତ କର୍ମଯୋଗୀ ଶଶିଭୂଷଣ ତ୍ରିପାଠୀ ୨୦୨୪ ଜାନୁଆରୀ ମାସ ୩୧ ତାରିଖ ଦିନ ଇହଲୋକରୁ ବିଦାୟ ନେଇଛନ୍ତି। ଜାତି, ଧର୍ମ, ବର୍ଣ୍ଣ, ଦଳମତ, ଶତ୍ରୁ ଓ ମିତ୍ର ନିର୍ବିଶେଷରେ ସବୁ ବର୍ଗର ଲୋକଙ୍କୁ ସ୍ନେହ ଓ ପ୍ରେମ ବନ୍ଧନରେ ଆବଦ୍ଧ ରଖୁଥିବା ଅତି ଆପଣାର ମଣିଷ ଶଶିଭୂଷଣ ସ୍ୱନାମର ସାର୍ଥକତା ପ୍ରତିପାଦନ କରିଯାଇଛନ୍ତି। ଶିବଙ୍କ ପରି ସବୁକିଛି ତ୍ୟାଗ କରିଛନ୍ତି ଓ ଆଶୁତୋଷ ଭାବେ ଖୁବ୍‌ଶୀଘ୍ର ଦରିଦ୍ରର ମନୋଭାବ ବୁଝିପାରି ଅକୁଣ୍ଠିତ ଚିତ୍ତରେ ସହଯୋଗର ହାତ ବଢ଼ାଇ ଦିଅନ୍ତି।

ଏହି ପୁଣ୍ୟାତ୍ମା ଶତାୟୁ ପୁରୁଷ ସ୍ୱାଧୀନତା ସଂଗ୍ରାମୀ ଶଶିଭୂଷଣଙ୍କର ଆବିର୍ଭାବ ହୁଏ ଏବେକାର ଯାଜପୁର ଜିଲ୍ଲାସ୍ଥ (ଅବିଭକ୍ତ କଟକ ଜିଲ୍ଲା) ଏକ ଅଖ୍ୟାତ ଗ୍ରାମ ପରମାନନ୍ଦପୁର ଶାସନର (ନରଣଗଛା ମୌଜାରେ) ଏକ ଜମିଦାରୀ ନୈଷ୍ଠିକ ବ୍ରାହ୍ମଣ ପରିବାରରେ ୧୯୨୧ ମସିହା ଜୁନ୍ ମାସ ୧୪ ତାରିଖରେ। ମାତା ରମ୍ଭାମଣି ତିଆଡ଼ି ଓ ବାପା ନିତ୍ୟାନନ୍ଦ ତିଆଡ଼ି। ଗାଁ ନିମ୍ନ ପ୍ରାଥମିକ ବିଦ୍ୟାଳୟରୁ ପାଠ ପଢ଼ି କେବଳ ଲେଖାପଢ଼ା ଯାହା ଜାଣିଥିଲେ। ସରଳ ମିତ୍ରଭାଷୀ ଓ ସୁଦକ୍ଷ ସଂଗଠକ ଭାବେ ଯୁବାବସ୍ଥାରୁ ଗାନ୍ଧିବାଦୀ ଆଦର୍ଶରେ ଅନୁପ୍ରାଣିତ ହୋଇ ଖଦଡ଼ ଧୋତି, କୁର୍ତ୍ତା ପରିଧାନ କରି ଶୁଦ୍ଧପୂତ ସେବାଭାବ ଓ ଗାନ୍ଧୀଙ୍କ ଆଦର୍ଶରେ ନିଜକୁ ଅନୁଶାସନରେ ଗଢ଼ିଥିଲେ। ସେ ସମୟରେ ତାଙ୍କର ସାଙ୍ଗସାଥିମାନଙ୍କୁ ସ୍ୱାଧୀନତା ଆନ୍ଦୋଳନ ଓ ଦେଶର ସ୍ଥିତି ସମ୍ପର୍କରେ ଜଣାଉଥିଲେ। ଅପ୍ରତିଦ୍ୱନ୍ଦୀ ଭାବେ କ୍ରମାଗତ ଭାବେ ଛଅ ଥର ସରପଞ୍ଚ ହୋଇଥିବା ଶଶିଭୂଷଣଙ୍କ ଅକ୍ଲାନ୍ତ ଉଦ୍ୟମରେ ୧୯୫୯ ମସିହାରେ କୁଆଁର ସାହି ମଧ୍ୟ ଇଂରାଜୀ ବିଦ୍ୟାଳୟ ସ୍ଥାପନ ହେଲା। ପରବର୍ତ୍ତୀ କାଳରେ ନିଜସ୍ୱ ଉଦ୍ୟମରେ ନିଜର ସ୍ଥାବର ଅସ୍ଥାବର ସମ୍ପତ୍ତି ବିକ୍ରିକରି ୧୯୬୪ ମସିହାରେ ପରମାନନ୍ଦପୁରଠାରେ ଗରିବବନ୍ଧୁ ଉଚ୍ଚ ବିଦ୍ୟାଳୟ ସ୍ଥାପନ କଲେ। ନାରୀ ଶିକ୍ଷା ଉପରେ ଗୁରୁତ୍ୱଦେଇ ବାଳିକା ବିଦ୍ୟାଳୟ ପ୍ରତିଷ୍ଠା କରିବା ସହିତ ନିଜ ଖର୍ଚ୍ଚରେ ପରିଚାଳନା କରୁଥିଲେ। ତାଙ୍କର ପ୍ରଚେଷ୍ଟା ଫଳରେ ସରକାରୀ ସାହାଯ୍ୟରେ ଆପଦକାଳ, ବିଶେଷକରି ଶିଶୁ ଓ ଗର୍ଭବତୀମାନଙ୍କର ସେବା ଓ ଚିକିତ୍ସା ପାଇଁ ନରଣଗଛା ମୌଜାରେ ଏକ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲିଥିଲା। ସରକାରୀ କଳର ସାହାଯ୍ୟରେ ବିଭିନ୍ନ ସ୍ଥାନରେ ବନ୍ଧ ବାଡ଼ ପକାଇବା ଓ ଗାଁ ଗାଁରେ ନଳକୂପ ଖନନ କରାଇ ବର୍ଷସାରା ପାନୀୟ ଜଳ ଯୋଗାଇ ଲୋକମାନଙ୍କର ଦୁର୍ଦ୍ଦଶା ଦୂର କରୁଥିଲେ। ପ୍ରତି ଗାଁରେ ମନ୍ଦିର ନିର୍ମାଣ ଅବା ନବୀକରଣ, ଲାଇବ୍ରେରୀ ଓ ଅବସର ବିନୋଦନ କେନ୍ଦ୍ର ପ୍ରତିଷ୍ଠା କରାଇ ଲୋକମାନଙ୍କର ଶ୍ରଦ୍ଧାଭାଜନ ହୋଇପାରିଛନ୍ତି। ସେ ସବୁବେଳେ ଦରିଦ୍ର, ନିଷ୍ପେସିତ ଓ ହରିଜନମାନଙ୍କ ପାଖରେ ଆବଶ୍ୟକ ସମୟରେ ଛିଡ଼ା ହୋଇଯା'ନ୍ତି। ବନ୍ୟା କ୍ଷତିଗ୍ରସ୍ତମାନଙ୍କୁ ରିଲିଫ ସାମଗ୍ରୀ ଯୋଗାଣରେ ସେ ଅଗ୍ରଣୀ ଭୂମିକା ନିର୍ବାହ କରୁଥିଲେ। ସେ କର୍ମଯୋଗୀ ଥିଲେ ଏବଂ କର୍ମ ଉପରେ ତାଙ୍କର ଥିଲା ଅଖଣ୍ଡ ବିଶ୍ୱାସ। ୧୯୯୦ ଦଶକରୁ ସେ ରାଜନୀତିରୁ ଦୂରେଇ ଗଲେ। ପରିଣତ ବୟସରେ ବାର୍ଦ୍ଧକ୍ୟଜନିତ ସମସ୍ୟାରେ ପ୍ରୀଡ଼ିତ ହୋଇ ମଧ୍ୟ ତାଙ୍କର ମନୋବଳ ଦୃଢ଼ଥିଲା। ସାରାଜୀବନ ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସତ୍ୟ ଅହିଂସାକୁ ପାଥେୟ କରି ଅନାସକ୍ତ ଭାବେ କାର୍ଯ୍ୟକରି ଚାଲିଥିଲେ। ତାଙ୍କର ବିକଳ୍ପ ପରିକଳ୍ପନା କରାଯାଇ ନପାରେ। ସେ ଆମର ସମସ୍ତଙ୍କର ପ୍ରେରଣା, ଆଦର୍ଶ ହୋଇ ଆଲୋକ ଶିଖା ସଦୃଶ ପ୍ରତିଭାତ ହୋଇ ରହିଥାନ୍ତୁ। ସେ ଅମର ଆତ୍ମା ଉଦ୍ଦେଶ୍ୟରେ ସହସ୍ର ପ୍ରଣାମ ଓ ଶ୍ରଦ୍ଧାଞ୍ଜଳି।

**ନିକୁଞ୍ଜ ବିହାରୀ ସାହୁ**

## ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ




ବିଞ୍ଝାରପୁର, ୧୦ା୨(ସମିସ): ଓଡ଼ିଆ ଭାଷାକୁ ବିଶ୍ୱ ସ୍ତରରେ ପ୍ରତିଷ୍ଠିତ କରିବା ପାଇଁ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା ସମ୍ମିଳନୀ, ଓଡ଼ିଶାର ପୁରପଲ୍ଲୀର ଶିକ୍ଷାନୁଷ୍ଠାନରେ ବେଶ୍ ଫଳପ୍ରଦ ହୋଇପାରିଛି। ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବଳଦେବଜୀଉ ମହିଳା ଉଚ୍ଚବିଦ୍ୟାଳୟରେ ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ପ୍ରାରମ୍ଭରେ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ଧୂପଦୀପ ପ୍ରଜ୍ୱଳନ ପରେ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏହାପରେ ବିଦ୍ୟାଳୟର ଛାତ୍ରୀ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରିଥିଲେ। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ବିଜ୍ଞାନ ମୋହନ ମହାନ୍ତି ଅନୁଷ୍ଠିତ ସଭାରେ ସଭାପତିତ୍ୱ କରିଥିବାବେଳେ ଡଃ ସୁଧାଂଶୁ ଶେଖର ରଥ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପିକା ମମତାମୟୀ ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ନୋଡାଲ ଅଫିସର୍ ପ୍ରାଧ୍ୟାପକ ସୁଦର୍ଶନ ମଲ୍ଲିକ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ସାଧୁଗୌଡେଶ୍ୱର ମହାବିଦ୍ୟାଳୟର ସେବା ନିବୃତ୍ତ ପ୍ରାଧ୍ୟାପକ ନିରାକାର ନାୟକ କାର୍ଯ୍ୟନିର୍ବାହ କରିଥିବାବେଳେ ସମ୍ମାନିତ ଅତିଥି ଭାବେ କନିକାପଡ଼ା ସାଧୁଗୌଡେଶ୍ୱର ମହାବିଦ୍ୟାଳୟର ପ୍ରାଧ୍ୟାପକ ଦିଲ୍ଲୀପ କୁମାର ପ୍ରଧାନ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡଃ ସୁଶାନ୍ତ କୁମାର ପରିଡ଼ା, ଅଧ୍ୟାପକ ସତ୍ୟନାରାୟଣ ପଟ୍ଟନାୟକ, ଅଧ୍ୟାପକ ଶେଖ୍ ଜମାଲୁଦ୍ଦିନ, ସୁବ୍ରତ ଜେନା, ସତ୍ୟାନନ୍ଦ ବାରିକ ଓ ଅନୁଷ୍ଠାନର ଅନ୍ୟ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଦିବ୍ୟାଙ୍ଗ ସମ୍ବେଦନାତ୍ମକ ସଚେତନତା ଶୋଭାଯାତ୍ରା

ବିଞ୍ଝାରପୁର, ୧୦ା୨(ସମିସ): ବିଞ୍ଝାରପୁର ବ୍ଲକର ମାଁସଡା ପଞ୍ଚାୟତ ତଥା ଗ୍ରାମରେ ଅବସ୍ଥିତ ବିଜୁ ପଟ୍ଟନାୟକ ତାଲିମ ସଂସ୍ଥାନର ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କୁ ନେଇ ଦିବ୍ୟାଙ୍ଗ ସମ୍ବେଦନାତ୍ମକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସହକାରୀ ଆବାସ ପ୍ରଦ୍ୟୋଗର ସଭାପତି ପ୍ରଶାନ୍ତ କୁମାର ମିଶ୍ର ଏହି ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ଏହି ଶୋଭାଯାତ୍ରା ବିଞ୍ଝାରପୁର ବ୍ଲକ କାର୍ଯ୍ୟାଳୟ, କଲ୍ୟାଣପୁର, ମାଁସଡା, ଆଦି ଗ୍ରାମ ପରିକ୍ରମା କରିଥିଲା।



## ମା'ବିରଜାଙ୍କ ସ୍ୱନକ୍ଷତ୍ର ଉତ୍ସବରେ ଜ୍ଞାନରଞ୍ଜନ ପତି ସମ୍ବର୍ଦ୍ଧିତ

ଯାଜପୁର ଟାଉନ, ୧୦ା୦୨ (ସମିସ): ମା' ବିରଜାଙ୍କ ସ୍ୱନକ୍ଷତ୍ର ଉତ୍ସବରେ ଶ୍ରୀବିରଜା ସେବା ସମିତିର ପୁରସ୍କାର ବିତରଣ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସଭାପତି ବିଶ୍ୱମ୍ଭର ମିଶ୍ରଙ୍କ ଅଧ୍ୟକ୍ଷତାରେ ମନ୍ଦିର




ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଯାଜପୁରର ଆଇଆଇସି ବିଲ୍ୱମଙ୍ଗଳ ସେଠୀ ମାନପତ୍ର ଓ ପ୍ରମାଣପତ୍ର ଦସ୍ତଖତ କରିଥିଲେ। ମନ୍ଦିର ପୂଜକ ଦେବୀପ୍ରସାଦ ପାଣି ମା'ଙ୍କ ସ୍ତୋତ୍ର ପାଠ କରିଥିଲେ। ଯାଜପୁରର ଗୌରବ, ଗବେଷକ, ସଂସ୍କୃତବିତ୍ ମା' ବିରଜା ଓ ବରିଜାକ୍ଷେତ୍ରର ପ୍ରଚାର ପ୍ରସାରରେ ଯାହାଙ୍କ ଅତୁଳନୀୟ ଅବଦାନ ରହିଛି, ସେ ବକ୍ତିତ୍ୱ ଡଃ ଜ୍ଞାନରଞ୍ଜନ ପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତାଙ୍କର ରଚିତ 'ବିରଜା ଶତକମ୍' ସ୍ତୁତିମାଳା ମା'ଙ୍କ ଭକ୍ତଙ୍କ ପାଇଁ ଅନନ୍ୟ ଅବଦାନ। ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପାଠୀ ସଭା ପରିଚାଳନା କରିଥିଲେ। ଉପସଭାପତି ପ୍ରମୋଦ କୁମାର ଦ୍ୱିବେଦୀ ମାନପତ୍ର ପାଠ କରିଥିଲେ। ପରେ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଯୁଗ୍ମସମ୍ପାଦକ ବୃନ୍ଦାବନ ମିଶ୍ର ଓ ମଧୁସୂଦନ ମହାନ୍ତି ପୁରସ୍କାର ବିତରଣରେ ସହାଯ୍ୟ କରିଥିଲେ। ସମସ୍ତ ପୁରସ୍କାର ବରିଷ୍ଠ ସଭ୍ୟ ଜଗନ୍ନାଥ ସାହୁଙ୍କ ପୁତ୍ର ଧରଣୀଧର ସାହୁ ଓ ଭରତଚନ୍ଦ୍ର ସାହୁ ପ୍ରଦାନ କରିଥିଲେ।

ଶ୍ରୀୟା ମହାନ୍ତି, ଅମିତ୍ରା ନାୟକ, ମାତୃକା ଶୁଭଦର୍ଶିନୀ ପାତ୍ର, ଶୁଭଲକ୍ଷ୍ମୀ ପୃଷ୍ଟି, ବିଜୟ ଲକ୍ଷ୍ମୀକର, ବର୍ଷା ପ୍ରିୟଦର୍ଶିନୀ ସାହୁ, ଖୁସି ଭୂତିଆ, ଏସ୍. ସୌରୀ ରଞ୍ଜିତା, ଜୟଶ୍ରୀ କର, ଦେବାଙ୍ଗୀ ଧଳ ପୁରସ୍କୃତ ହୋଇଥିଲେ। ସୁବାସ ଚନ୍ଦ୍ର ପାଣି, ବନବିହାରୀ ମହାପାତ୍ର, ମହେନ୍ଦ୍ର କୁମାର ଦାସ, ବସନ୍ତ କୁମାର ଦାଶ, ଗଦାଧର ରାଉତ, ରମେଶ ଚନ୍ଦ୍ର ରାଉତ, ହରିହର ବେହେରା, ସୁବାସ ଚନ୍ଦ୍ର ମହାନ୍ତି, ବ୍ରଜକିଶୋର ମହାନ୍ତି, ଧିରେନ୍ଦ୍ର କୁମାର ପରିଡ଼ା, ଚିତ୍ତରଞ୍ଜନ ରାଉତରାୟ, ଜଗତ ନାୟକ, ବିଷ୍ଣୁ ଚରଣ ଲେଙ୍କା, ନିଶିଥ କୁମାର ଦାସ, ବ୍ରହ୍ମାନନ୍ଦ ସ୍ୱାଇଁ, ପ୍ରବୋଧ କୁମାର ନାୟକ, ଭରତ ଚନ୍ଦ୍ର ସାହୁ, ଲକ୍ଷ୍ମୀନାରାୟଣ ପତି, ସେବତୀ ବିଶ୍ୱାଳ, ଶ୍ରୀନାଥ ମହାନ୍ତି, ଅଶୋକ କୁମାର ପାଣି, ଅଧିକାରୀ ନବକିଶୋର ଦାସ, ବିବେକାନନ୍ଦ ବିଶ୍ୱାଳ, ନିର୍ମଳାବାଳା ଶତପଥୀ, ଶ୍ରୀନାଥ ମହାନ୍ତି, ସୁଧାରଞ୍ଜନ ପଣ୍ଡା, ମଳୟ କୁମାର ପଣ୍ଡା, ପ୍ରଦୀପ କୁମାର ଦାସ, ଶିବନାରାୟଣ ସାହୁ, ନୃସିଂହ ଚରଣ ଜେନା, ଚିତ୍ତରଞ୍ଜନ ନାୟକ, ଗୋପୀନାଥ ସେଠୀ, ଅଭିଜିତ କୁମାର ନାୟକ, ନାରାୟଣ ଚନ୍ଦ୍ର ଦାଶ, ସେବତୀ ବିଶ୍ୱାଳ, ରାମକୃଷ୍ଣ ବେହୁରିଆ, କୈଳାସ ଚନ୍ଦ୍ର ମଲ୍ଲିକ, ଅମୀୟ କୁମାର ପତି, ସାମ୍ବାଦିକ ବିରଜାପ୍ରସାଦ ପାଣି, ଅଜୟ କୁମାର ରାଉତ, ତପନ ମହାନ୍ତି, ମା' ଟିଭିର ରାଜା ରାଉତରାୟ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବରିଷ୍ଠ ସଭ୍ୟ ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ବରପଦା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



ଦଶରଥପୁର, ୧୦ା୨(ସମିସ): ଚିତାଲୋ ପଞ୍ଚାୟତ ବରପଦା ସରକାରୀ ନୂଆ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ମିଶ୍ର, ସହକାରୀ ଶିକ୍ଷକ ଶାନ୍ତନୁ କୁମାର ରାଉଳଙ୍କ ନେତୃତ୍ୱରେ ୨ ଦିନ ଧରି ଏହି କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଛି। ଦୁଇଦିନ ଧରି ଛାତ୍ରଛାତ୍ରୀ ୧୦୦ ମିଟର ଦୌଡ଼, ୬୦ ମିଟର ଦୌଡ଼, ଆଳୁ ଚାମଚ, ଚକଲେଟ ରେସ୍ ସମେତ ନୃତ୍ୟରେ ଭାଗ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଚିତାଲୋ ସରପଞ୍ଚ ବିଜୟାଲକ୍ଷ୍ମୀ ଶତପଥୀ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ଦଶରଥପୁର ଏବିଓ ସାବିତ୍ରୀ ସେଠୀ ଯୋଗଦାନ କରି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରି ପାଠ ସହିତ କ୍ରୀଡ଼ା ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖଣ୍ଡରା ପଞ୍ଚାୟତର ସମିତିସଭ୍ୟା ରାମଚନ୍ଦ୍ର ସେଠୀ, ଅନ୍ୟତମ ଅତିଥି ଅଚ୍ୟୁତାନନ୍ଦ ସ୍ୱାଇଁ, ଅସିତ କୁମାର ସାମଲ, ଗଙ୍ଗାଧର ପରିଡ଼ା, ଶ୍ରୀକାନ୍ତ ଦାସ, ଶ୍ରୀକାନ୍ତ ରଥ, ବିରଞ୍ଚିନାରାୟଣ ମହାନ୍ତି, ନରେନ୍ଦ୍ର ସାହୁ ଯୋଗଦାନ କରି କ୍ରୀଡ଼ାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଏ ଅବସରରେ ସ୍କୁଲର ପୁରାତନ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ସେଠୀ, ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକଙ୍କୁ ଗ୍ରାମବାସୀ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସ୍କୁଲର ଏକ ଖେଳ ପଡ଼ିଆ ପାଇଁ ଗ୍ରାମବାସୀ ସରପଞ୍ଚଙ୍କ ନିକଟରେ ଦାବି କରିଥିଲେ।

## ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ




ବିଞ୍ଝାରପୁର, ୧୦ା୨(ସମିସ): ବିଞ୍ଝାରପୁର ବ୍ଲକର ଅଳକୁଣ୍ଡଠାରେ ଅବସ୍ଥିତ ଆଞ୍ଚଳିକ ବଳଦେବଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ବିଜ୍ଞାନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ସ୍ଥାନୀୟ ସରପଞ୍ଚ ସୁଶାନ୍ତ କୁମାର ଦାସ ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ସେକ୍ ଜମାଲୁଦ୍ଦିନ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପିକା ମମତାମୟୀ ସାମଲ, ଅଧ୍ୟାପକ ଡଃ ସୁଶାନ୍ତ କୁମାର ପରିଡ଼ା, ଅଧ୍ୟାପକ ସୁଦର୍ଶନ ମଲିକ, ଅଧ୍ୟାପକ ସତ୍ୟାନନ୍ଦ ବାରିକ, ଅଧ୍ୟାପକ ସତ୍ୟନାରାୟଣ ପଟ୍ଟନାୟକ, ଗଜେନ୍ଦ୍ର ସାହୁ, ଲକ୍ଷ୍ମୀଧର ଦାଶ ପ୍ରମୁଖ ଯୋଗଦେଇ ସରକାରଙ୍କ ପ୍ରବର୍ତ୍ତିତ ଏହି ଯୋଜନାର ସୁଦୂର ପ୍ରସାରୀ ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ।

## ଯାଜପୁର ଜିଲ୍ଲା ଇକୋ କ୍ଲବ୍ ତତ୍ତ୍ୱାବଧାରଙ୍କ ଦିନିକିଆ ପ୍ରଶିକ୍ଷଣ ଶିବିର

ପାଣିକୋଇଲି, ୧୦ା୨(ସମିସ): ପାଣିକୋଇଲି ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଜାତୀୟ ସବୁଜ ବାହିନୀର ଜିଲ୍ଲା କାର୍ଯ୍ୟକାରିଣୀ ଓ ମୂଲ୍ୟାୟନ କମିଟି ଆନୁକୂଲ୍ୟରେ ଭାରତ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ସହାୟତା ଓ ପରିବେଶ ଶିକ୍ଷାକେନ୍ଦ୍ର ତତ୍ତ୍ୱାବଧାନରେ ଜିଲ୍ଲାର ପାଞ୍ଚଟି ବ୍ଲକ ଇକୋ କ୍ଲବ୍ ତତ୍ତ୍ୱାବଧାରଙ୍କ ଜିଆ ଖତ ସମ୍ବନ୍ଧୀୟ ଏକଦିବସୀୟ ପଶିକ୍ଷଣ ଶିବିର ସହକାରୀ ଶିକ୍ଷକ ପ୍ରତାପ କୁମାର ପହିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ପରିବେଶ ଶିକ୍ଷାକେନ୍ଦ୍ର ଭୁବନେଶ୍ୱରର କାର୍ଯ୍ୟକ୍ରମ ଅଧିକାରୀ ପ୍ରଭାତ ମୋହନ ଦାସ ଉଦ୍‌ଘାଟନ କରି ଇକୋ କ୍ଲବ୍ ଶିକ୍ଷକଙ୍କ କାର୍ଯ୍ୟପନ୍ଥା, ଦାୟିତ୍ୱ ସମ୍ବନ୍ଧରେ ଆଲୋଚନା କରିଥିଲେ। ଏଥିସହିତ ଜିଆ ଖତ ପ୍ରସ୍ତୁତି, ବ୍ୟବହାର ଓ ଆବଶ୍ୟକତା ସମ୍ବନ୍ଧରେ ଆଲୋକପାତ କରିଥିଲେ।

ଯାଜପୁର ଉଦ୍ୟାନ ବିଭାଗର ଅଧିନିରୀକ୍ଷକ ହରମୋହନ ମହାପାତ୍ର ମୁଖ୍ୟବକ୍ତା ରୂପେ ଯୋଗଦେଇ ପାୱାର ପଏଣ୍ଟ ମାଧ୍ୟମରେ ଜିଆ ଖତ ପ୍ରସ୍ତୁତି ପ୍ରଣାଳୀ ଓ ଏହାର ଉପାଦେୟତା ସମ୍ବନ୍ଧରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଆବାହକ ଡଃ ଶରତ କୁମାର ସାହୁ ପାୱାର ପଏଣ୍ଟ ମାଧ୍ୟମରେ ଜିଆ ଖତ ପ୍ରସ୍ତୁତି, ଉପଯୋଗ, ଆବଶ୍ୟକତା, ସତର୍କତା ଓ ଏହାର ଉପକାରିତା,




ପରିବେଶ ସୁରକ୍ଷା ପାଇଁ କିପରି ଆବଶ୍ୟକ ବର୍ଣ୍ଣନା କରିଥିଲେ। ବିଦ୍ୟାଳୟର ଇକୋ କ୍ଲବ ଛାତ୍ରୀ ଉଦ୍‌ଘାଟନୀ ସଙ୍ଗୀତ ପରିବେଷଣ କରିଥିଲେ। ଅପରାହ୍ନରେ ଆୟୋଜିତ ଉଦଯାପନୀ ସଭାରେ ଇକୋ କ୍ଲବ୍ ସମ୍ବନ୍ଧୀୟ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କମ୍ପ୍ୟୁଟର ମାଧ୍ୟମରେ ପଞ୍ଜିକରଣ ତଥ୍ୟ ପ୍ରଦାନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅଧିକାରୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ସମସ୍ତ ପାଞ୍ଚଟି ବ୍ଲକ ବଡ଼ଚଣା, ଧର୍ମଶାଳା, କୋରେଇ, ସୁକିନ୍ଦା ଓ ଦାନଗଦି ବ୍ଲକରୁ ଯୋଗ ଦେଇଥିବା ୫୦ ଜଣ ଇକୋ କ୍ଲବ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଶୋଭୋନୀୟ ଶିକ୍ଷାଶ୍ରମ ଉଦୟଗିରିର ଗୁରୁମା ଧନ୍ୟବାଦ ଅର୍ପଣ କରି ପରିବେଶ କାର୍ଯ୍ୟ ପାଇଁ ସମସ୍ତଙ୍କୁ ପ୍ରଶଂସା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ସୁଭାଷ ବୋଷ ଇଂଲିଶ ମିଡ଼ିୟମ ସ୍କୁଲ କ୍ରୀଡ଼ା ଉଦ୍‌ଯାପିତ

ପାଣିକୋଇଲି, ୧୦ା୨(ସମିସ): ପାଣିକୋଇଲିସ୍ଥ ସୁଭାଷ ବୋଷ ଇଂଲିଶ ମିଡ଼ିୟମ୍ ସ୍କୁଲରେ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପାଣିକୋଇଲି ମା' ତାରିଣୀ ଡିଗ୍ରୀ କଲେଜ ଅଧ୍ୟକ୍ଷ ଡ ଚନ୍ଦ୍ରକାନ୍ତ ମହାନ୍ତି ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବୀନ୍ଦ୍ର ସେନାପତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଛାତ୍ରଛାତ୍ରୀଙ୍କୁ ଜଣେ ଜଣେ ସୁନାଗରିକ ହେବାକୁ ଉପଦେଶ ଦେଇଥିବାବେଳେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

## ହୋଲି ଜେସସ୍ ସ୍କୁଲ ଅଧକ୍ଷା ସମ୍ବର୍ଦ୍ଧିତ

ବଡ଼ଚଣା, ୧୦ା୨(ସମିସ): ବଡ଼ଚଣା ଶିକ୍ଷା ମଣ୍ଡଳ ଅଧୀନସ୍ଥ ଧାନମଣ୍ଡଳସ୍ଥ ହୋଲି ଜେସସ୍ ସ୍କୁଲର ଅଧକ୍ଷା କାମିନୀ ନାୟକଙ୍କୁ ଓଡ଼ିଶା ରାଜ୍ୟ ମହିଳା ଆୟୋଗର ୩୧ତମ ପ୍ରତିଷ୍ଠା ଦିବସ ଅବସରରେ ସମ୍ବର୍ଦ୍ଧିତ କରାଯାଇଛି। ଭୁବନେଶ୍ୱରରେ ଅନୁଷ୍ଠିତ ଏକ ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମରେ ରାଜ୍ୟ ମହିଳା ଆୟୋଗ କମିଶନର ମିନତୀ ବେହେରା ସୁଶ୍ରୀ କାମିନୀଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ସେ ଏ ସମ୍ବର୍ଦ୍ଧନା ପାଇବା ପରେ ହୋଲି ଜେସସ୍ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ, ବଡ଼ଚଣା ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିବା ଜଣାପଡ଼ିଛି।

## ସନ୍ଧ୍ୟା ହେଲେ କୟାଁ ଛକ ଅନ୍ଧାର

କୟାଁଗୋଲା, ୧୦ା୨(ସମିସ): ଯାଜପୁର ଜିଲ୍ଲା ଶେଷ ସୀମା କୟାଁଗୋଲା ଯଥା ଯାଜପୁର, କେନ୍ଦ୍ରାପଡ଼ା, ଭଦ୍ରକ ସଂଯୋଗ କରିବାର ମୁଖ୍ୟ ଛକ କୟାଁ। ଉକ୍ତ ଛକ ସନ୍ଧ୍ୟା ହେଲେ ଅନ୍ଧାର ରହୁଛି। ଏହି ଛକ ଦେଇ ଭଦ୍ରକ ଜିଲ୍ଲାର ପ୍ରସିଦ୍ଧ ଶୈବ ପୀଠ ବାବା ଆଖଣ୍ଡମଣି ମନ୍ଦିର ଯିବାକୁ ପଡ଼ିଥାଏ। କେନ୍ଦ୍ରାପଡ଼ା ଜିଲ୍ଲା ଓଳାଭର ବଜାରକୁ ଯିବାକୁ ପଡ଼ିଥାଏ। ଶୀତ ଦିନ ଥିବାରୁ ସନ୍ଧ୍ୟା ବେଳକୁ ଛକରେ ଲାଇଟ ନ ଥିବାରୁ ଅନ୍ଧାର ହୋଇଥିବାରୁ ଛକଟି ଶୂନଶାନ ଲାଗୁଛି। ଏହି ଛକ ଉପରେ ମେଡିକାଲ, ବିଦ୍ୟାଳୟ, ବ୍ୟାଙ୍କ, ପଞ୍ଚାୟତ ଅଫିସ ଥିବାବେଳେ ପ୍ରଶାସନ ନଜରକୁ କ'ଣ ପାଇଁ ଆସୁନାହିଁ ବୋଲି ପ୍ରଶ୍ନ ଉଠୁଛି। ଅନ୍ଧାର ଯୋଗୁ ଛୋଟବଡ଼ ଦୁର୍ଘଟଣା ଘଟିଛି। ଯଥାଶୀଘ୍ର ଛକରେ ଲାଇଟ ଲଗାଇବା ପାଇଁ ସମାଜସେବୀ ଚନ୍ଦ୍ରଶେଖର ଦାସ ଦାବି କରିଛନ୍ତି।

## ପଛିକୋଟ ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

# 'ସମସ୍ତ ବର୍ଗଙ୍କ ଉନ୍ନତି ପାଇଁ ସରକାର ବହୁ ଯୋଜନା କରିଛନ୍ତି'

କୋରେଇ, ୧୦ା୨(ସମିସ): ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବାକୁ ରାଜ୍ୟର ସମସ୍ତ ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, କାଳିଆ ଯୋଜନା, ଲକ୍ଷ୍ମୀ ବସ୍ ଯୋଜନା, କ୍ରୀଡ଼ା, ଐତିହ୍ୟ, ଗମନାଗମନ, ବ୍ୟାଙ୍କିଙ୍ଗ, ଜଗନ୍ନାଥ ସଂସ୍କୃତିର ସୁରକ୍ଷା, ଧାର୍ମିକ ସ୍ଥଳୀ ଓ ବିଦ୍ୟାଳୟର ରୂପାନ୍ତୀକରଣ, ମହିଳା ସଶକ୍ତିକରଣ ଆଦି ବିଭିନ୍ନ କ୍ଷେତ୍ରର ବିକାଶ ପାଇଁ ରାଜ୍ୟ ସରକାର ନେଉଥିବା ପଦକ୍ଷେପ ଉପରେ ଜନସାଧାରଣଙ୍କୁ ଅବଗତ କରାଇବା ସହିତ ସଚେତନତା ସୃଷ୍ଟି କରାଯାଉଛି। ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଣୟନ କରାଯାଇଥିବା ଯୋଜନା ସବୁ ବର୍ଗଙ୍କ ପାଇଁ ବେଶ ଉପଯୋଗୀ ବୋଲି ଅତିଥିମାନେ ମତ ପ୍ରକାଶ କରିଛନ୍ତି।

ଏ ପରିପ୍ରେକ୍ଷୀରେ ଯାଜପୁର ଜିଲ୍ଲା କୋରେଇ ବ୍ଲକର ୨୮ଟି ପଞ୍ଚାୟତରେ ପର୍ଯ୍ୟାୟ କ୍ରମେ ସଫଳତାର ସହିତ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଥିବାବେଳେ ପଛିକୋଟ ପଞ୍ଚାୟତରେ ମଧ୍ୟ ସଫଳତାର ସହିତ ଏହି କାର୍ଯ୍ୟକ୍ରମ ଶେଷ ହୋଇଛି। ମା' କାମୁଡ଼େଇ ପୀଠରେ ସରପଞ୍ଚ ଗୀତାରାଣୀ ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କୋରେଇ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଦଳାଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଯୁବ ସମାଜସେବୀ ତଥା ଯୁବ ନେତା ଦିଲ୍ଲୀପ କୁମାର ସ୍ୱାଇଁ ପରିଚାଳନା କରିଥିବାବେଳେ ସମ୍ମାନିତ ଅତିଥି ଭାବେ ୧ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ସସ୍ମିତା ତରାଇ, ତଳଗଡ଼ ସରପଞ୍ଚ ସନ୍ତୋଷ ସ୍ୱାଇଁ, ପାଟରଙ୍ଗା ସରପଞ୍ଚ ରଞ୍ଜନ କୁମାର ଦାସ, ଅନ୍ଧାରୀ ସରପଞ୍ଚ ରାଜେନ୍ଦ୍ର କୁମାର ରାଉତରାୟ, ଗୌରପୁର ସରପଞ୍ଚ ସତ୍ୟାନନ୍ଦ ମହାପାତ୍ର, ପଛିକୋଟ ପଞ୍ଚାୟତର ନାଏବ ସରପଞ୍ଚ ନୀଳମଣି ବେହେରା ଆଦି ପ୍ରମୁଖ ସରପଞ୍ଚ ଯୋଗ ଦେଇଥିଲେ।



ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଓ ଏସବୁ ଯୋଜନା ମାଧ୍ୟମରେ ଜନସାଧାରଣ କିଭଳି ସୁବିଧା ପାଇ ଉପକୃତ ହେଉଛନ୍ତି। ଏ ବିଷୟରେ ପୁଙ୍ଖାନୁପୁଙ୍ଖ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଆଉ ମଧ୍ୟ ପଛିକୋଟ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶାରେ ୧୪ଟି ପ୍ରକଳ୍ପ ପାଇଁ ୫୦ ଲକ୍ଷ ଟଙ୍କା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ୧୯୨୫ ପରିବାର ମଧ୍ୟରୁ ୧୨୩ ପରିବାର ଉପକୃତ, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ୨ଟି ପ୍ରକଳ୍ପ ପାଇଁ ୮ ଲକ୍ଷ ଟଙ୍କା, କାଳିଆ ଯୋଜନାରେ ୮୪୨ ପରିବାର ଉପକୃତ, ୭୬୬ ଜଣ ହିତାଧିକାରୀଙ୍କୁ ସାମାଜିକ ସୁରକ୍ଷା ଭତ୍ତା, ୧୧୧ଟି ମିଶନ ଶକ୍ତି ଗୋଷ୍ଠୀକୁ ବିନା ସୁଧରେ ଋଣ, ୧୯୨୫ ପରିବାରକୁ ରେସନ କାର୍ଡ, ୧୦୭ ଜଣ ଗର୍ଭବତୀ ମହିଳାଙ୍କୁ ମମତା ସହାୟତା, ଆମ ବ୍ୟାଙ୍କ ଆଦି ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଉପରେ ଆଲୋକପାତ କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ କୃତି ଛାତ୍ରୀ ଭାବେ ଆରାଧ୍ୟା ନାୟକ, ସସ୍ମିତା ସେନାପତିଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ କଳାକାର ବାରିକ, ପଞ୍ଚାନନ ଆଚାର୍ଯ୍ୟ, ନରେନ୍ଦ୍ର ସାହୁ, ତରଣୀସେନ ପାତ୍ର, ଗୁରେନ୍ଦ୍ର ପଲତା, ୱାର୍ଡ଼ ସଭ୍ୟସଭ୍ୟା ପରିଚାଳନାରେ ସହଯୋଗ କରିଥିଲେ।

